# ଭଏସ୍ ଅଫ୍ ଭିକ୍ଟିମ୍ସ
Voice of VictiMS

RNI Regd. No. :ODIMUL/2023/89182 Weekly Multilingual Rs - 5.00

ଭାଗ:୨, ସଂଖ୍ୟା: ୫୩, ଭୁବନେଶ୍ୱର, ନଭେମ୍ବର ୧୭- ନଭେମ୍ବର ୨୩, ୨୦୨୫, Vol: 2, Issue: 53, Bhubaneswar, November 17- November 23, 2025 Pages- 8


## ଅସୁରକ୍ଷିତ ପର୍ଯ୍ୟଟନସ୍ଥଳୀ

# ଉନ୍ନତିରେ ବାଧକ ଅପରାଧୀକ ତତ୍ତ୍ୱ

**ସତ୍ୟ ଦାସ**


ନଭେମ୍ବର ମାସ ଶେଷ ସପ୍ତାହରୁ ଆରମ୍ଭ ହେଇ ଡିସେମ୍ବର ଓ ଜାନୁଆରୀ ମାସ ଶେଷଯାଏ ଓଡିଶାରେ ଚାଲିଥାଏ ବଣଭୋଜି ଋତୁ। ଆମ ରାଜ୍ୟ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ, ଅନେକ ପର୍ଯ୍ୟଟନ ସ୍ଥଳୀ ରହିଛି। ଅବସର ସମୟରେ ଓଡ଼ିଶାର ଲୋକମାନେ ସେହିସବୁ ସ୍ଥାନକୁ ପରିବାର, ବନ୍ଧୁବାନ୍ଧବ ତଥା ସାଙ୍ଗସାଥୀଙ୍କ ସହ ବୁଲିବାକୁ ଯାଇଥାଆନ୍ତି। ଏପରିକି ବିଦେଶୀ ପର୍ଯ୍ୟଟକମାନେ ମଧ୍ୟ ଆସିଥାଆନ୍ତି ବୁଲା ବୁଲି କରି ଦେଖିବା ପାଇଁ। ପ୍ରକୃତରେ କହିବାକୁ ଗଲେ ଓଡ଼ିଶାର ପୂର୍ବ ବା ବର୍ତ୍ତମାନର ସରକାର ପର୍ଯ୍ୟଟକଙ୍କୁ କୌଣସି ପ୍ରୋତ୍ସାହାନ ଦେଇଛନ୍ତି ନା ସୁବିଧା ସୁଯୋଗ ଦେବା ପାଇଁ କେବେ ଚେଷ୍ଟା କରିଛନ୍ତି। ଅତିବେଶିରେ ପର୍ଯ୍ୟଟକଙ୍କ ପାଇଁ କେବଳ ଶୌଚାଳୟ କରିଦେଇ ବସିରହୁଛନ୍ତି। ବିମାନ ବନ୍ଦର, ରେଳ ଷ୍ଟେସନ ଓ ବସ ଷ୍ଟାଣ୍ଡ ମାନଙ୍କରେ ପର୍ଯ୍ୟଟନସ୍ଥଳୀର ସୁନ୍ଦର ସୁନ୍ଦର ଫଟ ଓ ଭିଡିଓ ପ୍ରଦର୍ଶନ କରି ନିଜର ଦାୟିତ୍ୱ ସାରିଦେଇ ବସିଯାଉଛନ୍ତି। କିନ୍ତୁ ପର୍ଯ୍ୟଟନ ଶିଳ୍ପ ରାଜ୍ୟର ଉନ୍ନତିରେ ଏକ ବିରାଟ ଅର୍ଥନୈତିକ ଅଭିବୃଦ୍ଧିରେ ସହାୟକ ହୋଇଥାଏ ବୋଲି ହୃଦୟଙ୍ଗମ କରୁଥିଲେହେଁ ପର୍ଯ୍ୟଟକମାନଙ୍କୁ କୌଣସି ସୁବିଧା ଦେବାରେ କୁଣ୍ଠା କରୁଛନ୍ତି।

କୌଣସି ସ୍ଥାନ ଏକ ପର୍ଯ୍ୟଟନ ସ୍ଥଳ ହେଲେ ପ୍ରଥମେ ସେଠାକୁ ଆସୁଥିବା ପର୍ଯ୍ୟଟକଙ୍କ ପାଇଁ ଗାଡ଼ି ସେବା ବା ଟ୍ରାନ୍ସପୋର୍ଟ ବ୍ୟବସାୟ ବଢିଥାଏ। ଦ୍ୱିତୀୟତଃ, ଅଞ୍ଚଳର ସାଧାରଣ ଲୋକଟିଏ ବ୍ୟବସାୟର ସୁଯୋଗ ପାଇଥାଏ । କିଏ, ଫଳ-ମୂଳ ବିକ୍ରି କରିଥାଏ ତ କିଏ ଖାଦ୍ୟସାମଗ୍ରୀ ଓ ଅନ୍ୟାନ୍ୟ ଜିନିଷ ବିକ୍ରୟ କରି ଆତ୍ମନିର୍ଭରଶୀଳ ହୋଇଥାଏ। ଅନ୍ୟ କେହିଅବା ଗ୍ରାମୀଣ ବା ଲଘୁ ଉଦ୍ୟୋଗର ଜିନିଷ ବିକ୍ରି କରି ପରିବାର ଭରଣପୋଷଣ କରିଥାଆନ୍ତି। ଏହାଛଡା, ଯଦି କୌଣସି ଦେବଦେବୀ ପୀଠ ବା ଧାର୍ମିକ ପର୍ଯ୍ୟଟନ ସ୍ଥଳୀ ହେଲା, ସେଠି ଆଖପାଖ ଅଞ୍ଚଳବାସୀଙ୍କୁ ଆଉକିଛି, ଅଧିକ ବ୍ୟବସାୟ କରିବାର ସୁଯୋଗ ମିଳିଥାଏ। ଖାଲି ଅଞ୍ଚଳବାସୀ କାହିଁକି ବିଭିନ୍ନ ଅନୁଷ୍ଠାନ ଓ କମ୍ପାନୀମାନେ ମଧ୍ୟ ନିଜ ନିଜର ବ୍ୟବସାୟର ଅଭିବୃଦ୍ଧି ପାଇଁ ସେଠାରେ ପ୍ରତିଷ୍ଠାନ ଖୋଲିଥାଆନ୍ତି। ଏ ସବୁକୁ ବିଚାରକୁ ନେଲେ ଗୋଟିଏ ପର୍ଯ୍ୟଟନ ସ୍ଥାନ ପାଇଁ ପ୍ରାୟ ପାଞ୍ଚ ରୁ ଦଶ ହଜାର ଲୋକ ଉପକୃତ ହୋଇଥାଆନ୍ତି। ସ୍ୱାବଲମ୍ବୀ ଓ ଆତ୍ମନିର୍ଭରଶୀଳ ହେବା ପାଇଁ ଏହା ଠାରୁ ଆଉ ସହଜ ଉପାୟ ବୋଧହୁଏ କିଛି ନାହିଁ। ସରକାର ଭାବିବା ଉଚିତ କି ଏତେ ସଂଖ୍ୟକ ଲୋକଙ୍କୁ କୌଣସି ସରକାରୀ ବା ବେସରକାରୀ ସଂସ୍ଥାର ଉପାର୍ଜନ ଦେଇପାରିବାର କ୍ଷମତା ନାହିଁ। ଏହାଛଡ଼ା, ସରକାର ବିଭିନ୍ନ ଜିନିଷର ବିକ୍ରୀ ଉପରୁ ଟିକସ ମଧ୍ୟ ପାଇଥାଆନ୍ତି। ହେଲେ, ଓଡ଼ିଶାର ବିଭିନ୍ନ ପର୍ଯ୍ୟଟନ ସ୍ଥଳରେ, ପର୍ଯ୍ୟଟକମାନେ କେତେ ସୁରକ୍ଷିତ ?



ଏକଥା ସରକାର କେବେ ଗୁରୁତ୍ୱର ସହିତ ଚିନ୍ତା କରିଛନ୍ତି କି ? ଶ୍ରୀକ୍ଷେତ୍ର ପୁରୀ ହେଉ କି ବିଶ୍ୱ ପ୍ରସିଦ୍ଧ ଅର୍କ କ୍ଷେତ୍ର କୋଣାର୍କ ହେଉ କି ଧଉଳି ଶାନ୍ତି ସ୍ତୁପ ହେଉ କି ଅବା ଏସିଆର ସର୍ବ ବୃହତ୍ତ ଚିଡିଆଖାନା ନନ୍ଦନକାନନ ହେଉ; ଅବା ଅନ୍ୟ କୌଣସି ପର୍ଯ୍ୟଟନସ୍ଥଳୀ ହେଉ। ସେଠାକୁ ଆସୁଥିବା ପର୍ଯ୍ୟଟକଙ୍କୁ ସେ ଅଞ୍ଚଳର କିଛି ଅସାମାଜିକ ଲୋକ ଜୋରଜବରଦସ୍ତ ବିଭିନ୍ନ ଉପାୟରେ ଠକିବା ବା ଲୁଟିବା ପାଇଁ ଲାଗି ପଡୁଛନ୍ତି। କିଏ ପାର୍କିଂ ନାଁରେତ କିଏ ଭୋଜିଭାତ କରିବା ପାଇଁ ସରକାରୀ ସ୍ଥାନରୁ ବଟି ଆଦାୟ କରିବା ବାହାନାରେ ଲୁଟୁଛନ୍ତି। ସେମାନଙ୍କ ଔଦ୍ଧତ୍ୟ ଓ ଅଭଦ୍ରୋଚିତ ବ୍ୟବହାର ପାଇଁ ସପରିବାର ବା ସାଙ୍ଗସାଥୀଙ୍କ ସହିତ ଯାଇଥିବା ପର୍ଯ୍ୟଟକ ନିଜକୁ ଅସୁରକ୍ଷିତ ମଣୁଛନ୍ତି; ଭୟଭୀତ ହେଇ ଜୁଲମର ଶିକାର ହେଉଛନ୍ତି। ଯଦି କେବେ କେହି କିଛି ପ୍ରତିବାଦ କରିବାର ପ୍ରୟାସ କରେ ସେ ସଙ୍ଗଠିତ ଭାବେ ଆକ୍ରମଣର ଶିକାର ହୋଇଥାଏ। ଏହି ଅପରାଧୀକ ତତ୍ତ୍ୱମାନେ ବ୍ୟବସାୟ ପାଇଁ ପରସ୍ପର ବିରୋଧୀ ହେଲେ ମଧ୍ୟ ପର୍ଯ୍ୟଟକମାନଙ୍କୁ ହାରାସ୍ କରିବା ବେଳକୁ ଏକାଠି ହେଇଥାଆନ୍ତି। ସେ ସମୟରେ ସେଠି ଉପସ୍ଥିତ ଥିବା ଅନ୍ୟ ପର୍ଯ୍ୟଟକମାନେ ଏହାକୁ ପ୍ରତିରୋଧ ନକରି, ଚୁପଚାପ ଫଟୋ ଉଠାନ୍ତି ବା ଭିଡିଓ ସୁଟିଂ କରି ନିଜନିଜ ବାଟରେ ଚାଲିଯାଆନ୍ତି। ଆଉ କେହିଅବା ନିଜ ପରିବାରର ସୁରକ୍ଷା ପାଇଁ ନିରବଦ୍ରଷ୍ଟା ସାଜି ଥାଆନ୍ତି। ଏହିପରି ଏକ ଘଟଣା କୋଣାର୍କ ନିକଟସ୍ଥ ରାମଚଣ୍ଡୀ ପାଖରେ ଆକ୍ରମଣ ଘଟିଥିବାର ସୋସିଆଲ ମିଡିଆରେ ବହୁଳ ପ୍ରଚାର ହେବାର ନଜରକୁ ଆସିଥିଲା। ଯେଉଁଠିକି ଜଗତସିଂହପୁର ଜିଲ୍ଲାର କିଛି ଯୁବକ ରାମଚଣ୍ଡୀ ବୁଲିବା ଓ ଭୋଜି କରିବାକୁ ଆସିଥିବା ସମୟରେ ସ୍ଥାନୀୟ କିଛି ଅସାମାଜିକ ଯୁବକ ତାଙ୍କୁ ଭୋଜିକରୁଥିବା ସ୍ଥାନ ପାଇଁ ଚାନ୍ଦା (ଦାଦାବଟି) ମାଗିଥିଲେ। ଭୋଜି କରିବାକୁ ଆସିଥିବା ଯୁବକମାନେ ଏହାର ପ୍ରତିବାଦ କରିବାରୁ ତାଙ୍କୁ ମାରଣାତ୍ମକ ଆକ୍ରମଣର ଶିକାର ହେବାକୁ ପଡିଥିଲା। ଏହାର ପ୍ରତିବାଦ ବା ପ୍ରତିରୋଧ ମଧ୍ୟ ସ୍ଥାନୀୟ ବ୍ୟବସାୟୀ ମାନେ କରିନଥାନ୍ତି। ଯଦିବା କେହି ପର୍ଯ୍ୟଟକ ଏପରି ଅଭିଯୋଗ ପ୍ରଶାସନ ଆଗରେ କରନ୍ତି ତେବେ ସ୍ଥାନୀୟ ପ୍ରଶାସନର ନରମ ଓ ପକ୍ଷପାତିତା ସ୍ପଷ୍ଟ ବାରି ହୋଇ ଯାଇଥାଏ। ଏମିତିକି ଉପସ୍ଥିତ ସୁରକ୍ଷାକର୍ମୀ ମାନେ ମଧ୍ୟ ନିରବଦ୍ରଷ୍ଟା ସାଜିଥାଆନ୍ତି।ଏପରିକି ବେଳେବେଳେ ପ୍ରଶାସନିକ ଅଧିକାରୀମାନେ ପର୍ଯ୍ୟଟକଙ୍କୁ ବୁଝାଇ ଦେଇଥାଆନ୍ତି କି କାହିଁକି ଏମାନଙ୍କ ସହିତ କଥା ବଢାଉଛନ୍ତି। ଏମାନେ ସବୁ ଏ ଅଞ୍ଚଳର ବଦମାସ୍ ପିଲା। ଆପଣଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରିପାରନ୍ତି ବରଂ ଆପଣ ଏ ଯାଗା ଯେତେ ଶୀଘ୍ର ଛାଡ଼ି ଚାଲିଯିବେ ଭଲ ହେବ। ପର୍ଯ୍ୟଟକ ଜଣକ ନିଜକୁ ଅସହାୟ ମଣିବା ସହିତ ସ୍ଥାନ ଛାଡ଼ି ଚାଲିଯିବାକୁ ଉଚିତ ମଣିଥାଏ। ଏଭଳି ଅନେକ ଦୃଷ୍ଟାନ୍ତ ରହିଛି।

ପ୍ରଶ୍ନ ଉଠୁଛି କଣ ପାଇଁ ପର୍ଯ୍ୟଟନ ସ୍ଥଳୀର ସୁରକ୍ଷାକର୍ମୀ ବା ପ୍ରଶାସନିକ ଅଧିକାରୀମାନେ ଏପରି କରିଥାଆନ୍ତି ତାହା ମଧ୍ୟ ସନ୍ଦେହ ଘେରରେ। ପ୍ରାୟ ପ୍ରତ୍ୟେକ ଦିନ ଏହିପରି ଘଟଣା ଓଡ଼ିଶାର ବିଭିନ୍ନ ପର୍ଯ୍ୟଟନସ୍ଥଳୀମାନଙ୍କରେ ଦେଖିବାକୁ ମିଳିଥାଏ।ଏହାଦ୍ୱାରା ପର୍ଯ୍ୟଟନ ଶିଳ୍ପ କେତେ ପ୍ରଭାବିତ ହେଉଛି, ସେକଥାର ଆକଳନ କରିବା ଯଦିଓ ଆମପାଇଁ ସମ୍ଭବ ନୁହେଁ; ତଥାପି ଅନେକାଂଶରେ ଏହାର କୁପ୍ରଭାବ ପଡୁଥିବ ବୋଲି ଆଶା କରାଯିବା ସ୍ୱାଭାବିକ। ଏହାଦ୍ୱାରା ବିଭିନ୍ନ ରାଜ୍ୟରୁ ବା ବିଦେଶରୁ ଆସୁଥିବା ପର୍ଯ୍ୟଟକମାନେ ନିଜ ନିଜ ରାଜ୍ୟ ବା ଦେଶକୁ ଫେରିଯାଇ ଓଡ଼ିଶା ସରକାର ତଥା ପର୍ଯ୍ୟଟନ ବିଭାଗ ଓ ଆଞ୍ଚଳିକ ପ୍ରଶାସନିକ ଅଧିକାରୀମାନଙ୍କ କି ପ୍ରକାର ଚରିତ୍ର ଚିତ୍ରଣ କରୁଥିବେ ସେକଥା ମଧ୍ୟ ଚିନ୍ତାଜନକ। ତେଣୁ, ଓଡ଼ିଶା ସରକାର, ପର୍ଯ୍ୟଟନ ବିଭାଗ ଓ ଆଞ୍ଚଳିକ ସୁରକ୍ଷା ପ୍ରଦାନକାରୀ ପ୍ରଶାସନିକ ଅଧିକାରୀମାନେ ଦିନେ ପର୍ଯ୍ୟଟନ ଶିଳ୍ପର ଅଧୋଗତି ପାଇଁ ଦାୟୀ ହେବେ ଏଥିରେ ତିଳେମାତ୍ରେ ସନ୍ଦେହ ନାହିଁ।



# ଫେସବୁକ ସାହିତ୍ୟ



କାର୍ତ୍ତିକ ଚନ୍ଦ୍ର ପଣ୍ଡା
ମୋବାଇଲ୍- ୭୯୭୮୪୨୦୪୯୩

ସାମାଜିକ ଗଣମାଧ୍ୟମରେ 'ଫେସବୁକ' ଏପରି ଏକ ବିକଳ୍ପ କ୍ଷେତ୍ର, ଯାହାକି ସାହିତ୍ୟକୁ ଅଗଣିତ ପାଠକଙ୍କ ପାଖରେ, ନିମିଷକ ଭିତରେ ପହଞ୍ଚାଇ ଥାଏ । ଏଥିପାଇଁ ପାଠକଙ୍କୁ ପୁସ୍ତକ ଓ ପତ୍ରପତ୍ରିକା ଉପରେ ନିର୍ଭର କରିବାକୁ ପଡିନଥାଏ । ଲେଖକ ସହିତ ପାଠକ ସିଧାସଳଖ ଯୋଡି ହେବା ଦ୍ୱାରା ସବୁଠାରୁ ବେଶି ଲାଭ ମିଳିଥାଏ ।

ସାରସ୍ୱତ କ୍ଷେତ୍ରରେ ନୂଆନୂଆ ପାଦ ଥାପୁଥିବା ଓ ବୟସରେ ସାନ ବନ୍ଧୁମାନଙ୍କ ପାଇଁ ମୋର ଏହି ଆଲେଖ୍ୟଟି ଉଦ୍ଦିଷ୍ଟ । ଅଧିକରୁ ଅଧିକ ବନ୍ଧୁମାନଙ୍କୁ ଆପଣଙ୍କ ଲେଖା ପ୍ରତି ଆକର୍ଷିତ କରିବା ଉପାୟ ସବୁ ଗୁଗୁଲ ଓ ଫେସବୁକର ମାର୍ଗଦର୍ଶିକାରେ ବି ଉପଲବ୍ଧ। ଆଉ କେତେକ ମୋ ନିଜସ୍ୱ ଅନୁଭୂତିରୁ , ବନ୍ଧୁମାନଙ୍କ ଅବଗତି ପାଇଁ ପ୍ରକାଶ କରୁଅଛି।

ଏକାବେଳକେ ଏକାଧିକ ପୋଷ୍ଟ କରନ୍ତୁ ନାହିଁ । ଫେସବୁକର ନିୟମ ଅନୁସାରେ ଆପଣ ଦିନକୁ ଗୋଟିଏ କିମ୍ବା ସର୍ବାଧିକ ଦୁଇଟି ପୋଷ୍ଟ ଦେଇ ପାରିବେ। ବିନା ପ୍ରସ୍ତୁତିରେ ତରବରିଆ ଭାବେ ପୋଷ୍ଟ ଲେଖନ୍ତୁ ନାହିଁ । ବନାନଗତ ଅଶୁଦ୍ଧି ଓ ବ୍ୟାକରଣ ପ୍ରତି ସବୁବେଳେ ଧ୍ୟାନ ଦିଅନ୍ତୁ। ଛୋଟଛୋଟ ପାରାଗ୍ରାଫରେ ଲେଖିଲେ ପଢିବାକୁ ସହଜ ଓ ସୁଖପାଠ୍ୟ ହୁଏ । ସମାଜର ହିତ ପାଇଁ ସାହିତ୍ୟ । ଆପଣଙ୍କ ଲେଖାରେ ସମାଜକୁ ଏକ ସକାରାତ୍ମକ ବାର୍ତ୍ତା ଦେବା ପାଇଁ ଯଥାସମ୍ଭବ ଚେଷ୍ଟା କରନ୍ତୁ ।

ଲେଖିବା ପୂର୍ବରୁ ନିଜକୁ ମାନସିକ ଭାବେ ପ୍ରସ୍ତୁତ କରନ୍ତୁ । ଏକ ସକରାତ୍ମକ ଭାବନା ଓ ସୃଜନଶୀଳତା ପାଇଁ ମା' ସରସ୍ୱତୀଙ୍କୁ ସ୍ମରଣ କରନ୍ତୁ ଓ ନିଜ ଭିତରେ ଏକ ଅଜଣା ପୁଲକ ଅନୁଭବ କରନ୍ତୁ । ବିଷୟବସ୍ତୁ ଚୟନ ଓ ଏହାର ସମସ୍ତ ଦିଗ ପ୍ରତି ପୂର୍ବ ମାନସ ମନ୍ଥନ ଅତ୍ୟନ୍ତ ଜରୁରୀ । ଲେଖାର ପ୍ରାରମ୍ଭ ହିଁ ଅଧିକ ଗୁରୁତ୍ୱପୂର୍ଣ୍ଣ। ଲେଖା ଆରମ୍ଭରୁ ପାଠକ ପାଇଁ ଏପରି ଏକ ଚୁମ୍ବକୀୟ କ୍ଷେତ୍ର ସୃଷ୍ଟି କରନ୍ତୁ ଯାହାକି ପାଠକକୁ ଆଗକୁ ପଢିବାକୁ ଉତ୍ସାହିତ କରିବ। ମଧ୍ୟଭାଗ ଉତ୍କଣ୍ଠାପୂର୍ଣ୍ଣ ଓ ଶେଷଭାଗଟି ନାଟକୀୟ ପରିସମାପ୍ତି ଲେଖାକୁ ସର୍ବାଙ୍ଗ ସୁନ୍ଦର କରିଥାଏ । ସୁନ୍ଦର ଭାବ ଓ ଶବ୍ଦ ଚୟନରେ ସତର୍କତା ଜରୁରୀ ।

ଲେଖାର କଳେବର ଯଥା ସମ୍ଭବ ସୀମିତ ରଖନ୍ତୁ । ଲେଖା ଅଧିକ ଲମ୍ବିଲେ ପାଠକର ପଠନ ସ୍ପୃହା କମିଯାଏ । ଅନ୍ୟପକ୍ଷରେ, ସ୍ରଷ୍ଟାର ସୃଷ୍ଟି ଉପରେ ଅଙ୍କୁଶ ରହିଲେ, ଏହା ସୃଜଶୀଳତା ଉପରେ ପ୍ରଭାବ ପକାଏ । ଅନ୍ୟପକ୍ଷରେ ,ଗୁଣାତ୍ମକ ଉଚ୍ଚମାନର ଲମ୍ବା ଲେଖାସବୁ ପାଠକ ଖୋଜିଖୋଜି ପଢିଥାନ୍ତି ।




କୌଣସି ପର୍ବପର୍ବାଣି ଯଥା ରଜ, ରଥଯାତ୍ରା, ରାକ୍ଷୀପୂର୍ଣିମା ଓ ନୂଆବର୍ଷ ଆଦିରେ, ପୋଷ୍ଟ ଦିଅନ୍ତୁ ନାହିଁ। ସେଦିନ ବନ୍ଧୁମାନେ ଫେଷ୍ଟିଭ ମୁଡରେ ଥାଆନ୍ତି। ସକାଳ କିମ୍ବା ସନ୍ଧ୍ୟା ସମୟରେ ପୋଷ୍ଟ କରନ୍ତୁ। ଦ୍ୱିପହରେ ଆଦୌ ପୋଷ୍ଟ କରନ୍ତୁ ନାହିଁ । ରବିବାର ଦିନଟି ପୋଷ୍ଟ ଦେବାପାଇଁ ସବୁଠାରୁ ଭଲ। ପୋଷ୍ଟ ପୂର୍ବରୁ ଓ ପରେ ଲେଖାକୁ ସତର୍କତାର ସହ ଚେକ କରନ୍ତୁ । ଆବଶ୍ୟକ ସ୍ଥଳେ ସଂଶୋଧନ କରନ୍ତୁ । ଲେଖାର ମାନ ଯେତେ ଭଲ ହେଇଥାଉନା କାହିଁକି, ବନାନ ଓ ବ୍ୟାକରଣଗତ ଅଶୁଦ୍ଧି, ପାଠକ ମନରେ ନକରାତ୍ମକ ଭାବନା ସୃଷ୍ଟି କରେ।

ଏକ ତଥ୍ୟ ଆଧାରରେ ଫେସବୁକରେ ସେକେଣ୍ଡେ ପିଛା ୩୦୦ କୋଟି ପୋଷ୍ଟ ଅପଲୋଡ଼ ହେଉଥାଏ । ପୋଷ୍ଟ ଗୁଡିକର ପ୍ରବାହମାନ ଗତି ନିରନ୍ତର ଚାଲୁଥାଏ । ପୋଷ୍ଟ ଦେଲାବେଳେ ଅନଲାଇନରେ ଆପଣଙ୍କର କେତେଜଣ ପାଠକ ବନ୍ଧୁ ଉପସ୍ଥିତ ଅଛନ୍ତି, ତାହା ଉପରେ ପୋଷ୍ଟର ପ୍ରସାରଣ ନିର୍ଭର କରିଥାଏ । କୌଣସି ବନ୍ଧୁ ପ୍ରତିକ୍ରିୟା ଦେଲେ, ପୋଷ୍ଟଟି ପୁନର୍ବାର ବନ୍ଧୁମାନଙ୍କ ଟାଇମ ଲାଇନରେ ଦୃଶ୍ୟମାନ ହୁଏ । ଯଦି କୌଣସି ପ୍ରତିକ୍ରିୟା ନମିଳେ, ତେବେ ଏହା କ୍ରମଶଃ ଟାଇମ ଲାଇନରୁ ଅଦୃଶ୍ୟ ହେବା ଆରମ୍ଭ କରେ ।

ବନ୍ଧୁ ସୌଜନ୍ୟରୁ ବନ୍ଧୁଙ୍କ ପ୍ରତିକ୍ରିୟା ପ୍ରତି ଆପଣଙ୍କର କୃତଜ୍ଞତା ମଧ୍ୟ ଜରୁରୀ । ଏହା ଆପଣଙ୍କ ପୋଷ୍ଟକୁ ସକ୍ରିୟ ରଖିବାରେ ସାହାଯ୍ୟ କରେ। କେତେକ ବନ୍ଧୁ ବିଳମ୍ବରେ, ଶେଷରେ କିମ୍ବା ଆଦୌ କରିନଥାନ୍ତି , ଯାହା ଫଳରେ ପୋଷ୍ଟଟି ପୁନଃପୁନଃ ଦୃଶ୍ୟ ହୁଏନାହିଁ ଓ ବନ୍ଧୁମାନଙ୍କ ଟାଇମ ଲାଇନରୁ ଅଦୃଶ୍ୟ ହେବା ଆରମ୍ଭ କରେ । ଫେସବୁକ ପାଇଁ ବନ୍ଧୁମାନେ ନିଜନିଜର ସୁବିଧା ଅନୁସାରେ ସମୟ ଦେଉଥିବାରୁ, ଆପଣଙ୍କ ପୋଷ୍ଟ ତାଙ୍କ ଟାଇମ ଲାଇନକୁ ଯିବାର ସମ୍ଭାବନା ସ୍ୱଳ୍ପ ଥାଏ ।

ବନ୍ଧୁ ଚୟନରେ ସତର୍କତା ଜରୁରୀ। ସମଭାବାପନ୍ନ ବନ୍ଧୁମାନଙ୍କୁ ଯୋଡନ୍ତୁ । ବନ୍ଧୁ- ଅନୁରୋଧ ଗ୍ରହଣ କରିବା ଅପେକ୍ଷା ନିଜେ ଖୋଜିଖୋଜି ବନ୍ଧୁ ଅନୁରୋଧ ପଠାନ୍ତୁ । ବନ୍ଧୁମାନଙ୍କ ପୋଷ୍ଟରୁ ଓ କମେଣ୍ଟରୁ ଆପଣଙ୍କୁ ବନ୍ଧୁ ଚୟନ କରିବା ସହଜ ହେବ । ସେମାନଙ୍କ ପୋଷ୍ଟ ଓ ମନ୍ତବ୍ୟରୁ, ବ୍ୟକ୍ତିତ୍ୱ ଆକଳନ କରନ୍ତୁ । ଅଳସୁଆ ବନ୍ଧୁଙ୍କୁ ପରିତ୍ୟାଗ କରନ୍ତୁ । ଏଥିପାଇଁ ଆଗୁଆ ସୂଚନା ଦିଅନ୍ତୁ ନାହିଁ। ମନମୁତାବକ ଲାଇକ କମେଣ୍ଟ ନମିଳିଲେ ପ୍ରତିକ୍ରିୟାଶୀଳ ହୁଅନ୍ତୁ ନାହିଁ । ବନ୍ଧୁତାଲିକା ଯଥା ସମ୍ଭବ ସୀମିତ ରଖନ୍ତୁ ଯେପରିକି ଆପଣ ସମସ୍ତଙ୍କୁ ସମୟ ଦେଇ ପାରୁଥିବେ ।

କମେଣ୍ଟ ଦେଲାବେଳେ ନମ୍ରତା ଓ ଶାଳୀନତା ଜରୁରୀ । ପାଠକମାନଙ୍କ ଅଭିମତ ସର୍ବୋପରି । ଆପଣଙ୍କୁ ଭଲ ନଲାଗିଲେ ନୀରବ ରହନ୍ତୁ । ଅଶାଳୀନ ଅଥବା ଅଯୌକ୍ତିକ ମନ୍ତବ୍ୟ ସବୁ ଡିଲିଟ କିମ୍ବା ହାଇଡ କରି ଦିଅନ୍ତୁ। ଆଦୌ ପ୍ରତିକ୍ରିୟାଶୀଳ ହୁଅନ୍ତୁ ନାହିଁ । ସ୍ଥଳ ବିଶେଷରେ ନମ୍ରତାର ସହିତ ନିଜର ପକ୍ଷ ରଖନ୍ତୁ । ତର୍କ ବିତର୍କରୁ ସର୍ବଦା ଦୂରେଇ ରହନ୍ତୁ । ଏହା ସୃଜଶୀଳତାରେ ଅନ୍ତରାୟ ହୋଇଥାଏ। ଅଧିକ ଭାବପ୍ରବଣତା ଠାରୁ ଦୂରେଇ ରହନ୍ତୁ । ଆପଣଙ୍କ ପୋଷ୍ଟରେ ମତ ରଖୁଥିବା ବନ୍ଧୁମାନଙ୍କ ପୋଷ୍ଟକୁ ପଢି, ସେମାନଙ୍କୁ ଉତ୍ସାହିତ କରନ୍ତୁ । ଆବଶ୍ୟକ ସ୍ଥଳେ ଗଠନ ମୂଳକ ପରାମର୍ଶ ଦେଇ ପାରନ୍ତି ତେବେ ଦୋଷତ୍ରୁଟିକୁ ମେସେଞ୍ଜର ବକ୍ସରେ ଦେଲେ ଭଲ । ସମୟ ବାହାର କରି ବନ୍ଧୁମାନଙ୍କ ପୋଷ୍ଟ ପଢନ୍ତୁ ଓ ନିଜର ପ୍ରତିକ୍ରିୟା ରଖନ୍ତୁ । ବନ୍ଧୁତା କେବେହେଲେ ଏକପାଖିଆ ହୋଇନଥାଏ।

ଆପଣ ଚାହିଁଲେ ପବ୍ଲିକ/ଫ୍ରେଣ୍ଡ ଅପ୍ସନ ଦେଇପାରିବେ। ପବ୍ଲିକ ପୋଷ୍ଟ ସମସ୍ତେ ପଢିଲା ବେଳେ, ଫ୍ରେଣ୍ଡଅପ୍ସନ ଥିବା ପୋଷ୍ଟକୁ କେବଳ ବନ୍ଧୁମାନେ ହିଁ ପଢନ୍ତି । କାହାର ଇଛା ବିରୁଦ୍ଧରେ ଟ୍ୟାଗ କରନ୍ତୁ ନାହିଁ। ଏହା କେବଳ ସହମତି ଆଧାରରେ କରା ଯାଇପାରେ । ବର୍ଷକ ତଳର ପୁରୁଣା ଉଚ୍ଚମାନର ପୋଷ୍ଟକୁ ନୂଆ ବନ୍ଧୁମାନଙ୍କ ପାଇଁ ସେୟାର କରନ୍ତୁ । ଏହାଦ୍ୱାରା ଆଗରୁ ପଢିନଥିବା ଓ ନୂଆ ଯୋଡି ହୋଇଥିବା ବନ୍ଧୁମାନେ ସୁଯୋଗ ପାଆନ୍ତି ।

ପୋଷ୍ଟ ସହିତ ନିଜର ଫଟୋ ସବୁବେଳେ ଦିଅନ୍ତୁ ନାହିଁ । ଏହା ଅରୁଚିକର ହୋଇଥାଏ । ଆପଣଙ୍କ ପ୍ରୋଫାଇଲ ଫଟୋ ହିଁ ଯଥେଷ୍ଟ । ପୋଷ୍ଟର ବିଷୟବସ୍ତୁ ଖାପ ଖାଇଲା ଭଳି ଫଟୋ ରଖନ୍ତୁ । ଶିଶୁ ଓ କିଶୋର ମାନଙ୍କ ଫଟୋ ଆଦୌ ରଖନ୍ତୁ ନାହିଁ। କବିତା ଲେଖୁଥିଲେ ପ୍ରଚ୍ଛଦପଟ ଡିଟିପି ପ୍ରତି ଧ୍ୟାନ ଦିଅନ୍ତୁ । ଚିତ୍ର ଭିତରେ ଅକ୍ଷର ଗୁଡିକ ଲୁଚି ଯିବାରୁ ପଢିବା ସହଜ ହୁଏ ନାହିଁ । ବିଶେଷ କରି ପରିଣତ ବୟସର ବନ୍ଧୁମାନେ ଏପରି ପୋଷ୍ଟକୁ ଏଡାଇ ଯାଆନ୍ତି। ପତ୍ରପତ୍ରିକା ଓ ସମ୍ବାଦପତ୍ରରେ ପ୍ରକାଶିତ ଲେଖାର ଅବିକଳ ଫଟୋକପି ପୋଷ୍ଟ ନକରି ଟାଇପ କରନ୍ତୁ।

ଉପରୋକ୍ତ ତଥ୍ୟ ଆଧାରରେ, ବିଶିଷ୍ଟ ଲେଖକ / କବିଙ୍କ ଅତି ଉଚ୍ଚକୋଟୀର ଲେଖାସବୁ ଗୁରୁତ୍ୱ ହରାଇଲା ବେଳେ, ଅନାମଧେୟ ଲେଖକଙ୍କ ପୋଷ୍ଟ ଭାଇରାଲ ହୁଏ । ଫେସବୁକ ଜଗତରେ ମୁଁ ଅନେକ ଲବ୍ଧ ପ୍ରତିଶ୍ରିତ ସାହିତ୍ୟିକ/ କବିମାନଙ୍କୁ ଜାଣେ। ଯେଉଁମାନଙ୍କର ମାତ୍ର ୫/୭ ଜଣ ପାଠକ ଥିଲାବେଳେ ଅନାମଧେୟ ଲେଖକଙ୍କ ଲେଖା ଭାଇରାଲ ହୁଏ। କମେଣ୍ଟରୁ ସଂପୂର୍ଣ୍ଣ , ଆଂଶିକ ଅଥବା ଆଦୌ ନପଢି ମତ ରଖିଥିବା ବନ୍ଧୁମାନଙ୍କୁ ସହଜରେ ଠଉରାଇ ହୁଏ ତେବେ ସେମାନେ ମଧ୍ୟ ଆପଣଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ। ଷ୍ଟିକର କମେଣ୍ଟ, ଗୁଡମର୍ଣ୍ଣିଙ୍ଗ ମେସେଜ ବି ଆପଣଙ୍କ ଲେଖାକୁ ପୁନଶ୍ଚ ସକ୍ରିୟ କରି ସମସ୍ତ ବନ୍ଧୁମାନଙ୍କ ଟାଇମ ଲାଇନରେ ପହଞ୍ଚାଇ ଦିଏ ।

ଶେଷରେ ସାରସ୍ୱତ ସାଧନା ପ୍ରତି ଆଗ୍ରହୀ ବନ୍ଧୁ, ରାଜନୈତିକ ଓ ଧାର୍ମିକ ପୋଷ୍ଟରେ ମତାମତ ଦେଲାବେଳେ ସତର୍କତା ଅବଲମ୍ବନ କରନ୍ତୁ । କୌଣସି ନିର୍ଦ୍ଦିଷ୍ଟ ଦଳ ଓ ଧର୍ମକୁ କଟାକ୍ଷ କରି ପୋଷ୍ଟ ଲେଖନ୍ତୁ ନାହଁ। ଏପରିକି ଆପଣ ନାସ୍ତିକ/ ନିରିଶ୍ୱରବାଦୀ ହୋଇଥିଲେ ବି କାହାରି ଧାର୍ମିକ ଭାବନାକୁ ଆହତ କରି ପୋଷ୍ଟ ଦିଅନ୍ତୁ ନାହିଁ। ସୃଜନଶୀଳତାରେ, ସକରାତ୍ମକ ଦିଗ ଅନ୍ୱେଷଣ କରନ୍ତୁ। ବ୍ୟକ୍ତିଗତ ରାଗ- ରୋଷ ଓ କୁତ୍ସାରଟନାରୁ ଦୂରେଇ ରୁହନ୍ତୁ।

**(ମତାମତ ଲେଖକଙ୍କ ନିଜସ୍ୱ)**

# ଭାବନାତ୍ମକ ସମ୍ବନ୍ଧ

ତଥାଗତଙ୍କର ଅତି ନିକଟତମ ଶିଷ୍ୟମାନଙ୍କ ମଧ୍ୟରୁ ଆନନ୍ଦ ଥିଲେ ଅନ୍ୟତମ। ବୌଦ୍ଧ ଭିକ୍ଷୁ ଉପଗୁପ୍ତ ମଧ୍ୟ ଅନ୍ତରଙ୍ଗ ଅନୁଗାମୀ ଥିଲେ। ଉପଗୁପ୍ତଙ୍କର ବିଶେଷତ୍ୱ ଥିଲା ଯିଏ ଥରେ ବି ତାଙ୍କ ସଂସ୍ପର୍ଶରେ ଆସୁଥିଲେ ସେ ଭୁଲି ପାରୁନଥିଲେ ତାଙ୍କୁ। ଆକର୍ଷଣୀୟ ଚେହେରା ସହିତ ବ୍ୟକ୍ତିତ୍ୱ ମଧ୍ୟ ସେହିଭଳି ଥିଲା। ଏକଦା ଉପଗୁପ୍ତଙ୍କ ସୌନ୍ଦର୍ଯ୍ୟରେ ମୁଗ୍ଧ ହୋଇ ଜଣେ ସୁନ୍ଦରୀ ତାଙ୍କ ପ୍ରତି ଅତ୍ୟଧିକ ଆସକ୍ତ ହୋଇପଡ଼ିଲେ। ମନ ଭିତରର କାମନା-ବାସନାକୁ ଚାପି ରଖିପାରି ନଥିଲେ କ୍ଷଣିକ ମୋହର ବଶବର୍ତ୍ତୀ ହୋଇ। ଲଜ୍ଜା, ସମ୍ଭ୍ରମ ସବୁକିଛି ଜଳାଞ୍ଜଳି ଦେଇ ଗୃହତ୍ୟାଗୀ, ମୋକ୍ଷ- ନିର୍ବାଣ ମନ୍ତ୍ରରେ ଅଭିମନ୍ତ୍ରିତ ଶ୍ରମଣଙ୍କୁ କହିଥିଲେ- ଏକାନ୍ତରେ କିଛି ସମୟ ତାଙ୍କ ସହ ଅତିବାହିତ କରି କୃତାର୍ଥ କରିବାକୁ। ଉପଗୁପ୍ତ ସୁନ୍ଦରୀଙ୍କ ଅଭୀପ୍‌ସା ସମ୍ପର୍କରେ ଜାଣିପାରିଥିଲେ। ତିଳେ ବି ପ୍ରତିକ୍ରିୟା ପ୍ରକାଶ ନ କରି ସକାରାତ୍ମକ ଢ଼ଙ୍ଗରେ ଭିକ୍ଷୁର ଜୀବନଦର୍ଶନକୁ ପରିପ୍ରକାଶ କରି କହିଥିଲେ- 'ଉଚିତ ସମୟ ଆସିଲେ ମୁଁ ନିଶ୍ଚୟ ତୁମ ସହିତ କିଛି ସମୟ ବିତାଇ ତୁମକୁ କୃତାର୍ଥ କରିବି।'

ପ୍ରତୀକ୍ଷାର ଅନ୍ତ ନଥିଲା ସୁନ୍ଦରୀଙ୍କର। ସମୟ ସ୍ରୋତରେ ବେଶ୍ କିଛି ବର୍ଷ ଅତିବାହିତ ହୋଇଯାଇଥାଏ ଇତି ମଧ୍ୟରେ। ସୁନ୍ଦରୀଙ୍କ ଆୟୁ ଯେତେଯେତେ ଅଧିକ



ହେଉଥାଏ ବୟସର ଛାପ ସେତେ ଅଧିକ ପରିଦୃଷ୍ଟ ହେଉଥାଏ ତାଙ୍କଠାରେ। ବୟସ ବୃଦ୍ଧି ସହ ବ୍ୟାଧି କବଳିତ ହୋଇଯାଇଥିଲା ସେଦିନର ସେହି ଅପୂର୍ବ ଲାସ୍ୟମୟୀ ସୁନ୍ଦରୀଙ୍କ ଶରୀର। ଯେଉଁମାନଙ୍କ ପାଇଁ ଦିନେ ଶରୀରର ସୌନ୍ଦର୍ଯ୍ୟ ଆକର୍ଷଣୀୟ ଥିଲା, ଏବେ ସେମାନେ ତାଙ୍କୁ ଦେଖି ମୁହଁ ଆଡ଼ କରି ଚାଲିଯାଉଥାନ୍ତି। ନିଜ କୁଟୀରରେ ଏକାକିନୀ ଅବସ୍ଥାରେ ଅତୀତର ସେଇ ସୁଦିନ ସହ ଏବର ଦୁର୍ଦ୍ଦିନକୁ ତୁଳନା କରି ମ୍ରିୟମାଣ ଅବସ୍ଥାରେ ଥା'ନ୍ତି। ଚତୁର୍ଦ୍ଦିଗରେ ସୀମାହୀନ ଅନ୍ଧକାର ପ୍ରତୀତ ହେଉଥାଏ।

ନିଜର ବ୍ୟାଧିଗ୍ରସ୍ତ ଶରୀର, ଭବିଷ୍ୟତ ନେଇ ଘୋର ସଂଶୟରେ ଥିଲାବେଳେ ହଠାତ୍ ? ଉପଗୁପ୍ତ ତାଙ୍କ କୁଟୀରରେ ପହଞ୍ଚି ଯାଇଥିଲେ ଆକସ୍ମିକ ଭାବରେ। ନମ୍ର ଭାବରେ କହିଥିଲେ- 'ଦେବି ! ମୁଁ ଦେଇଥିବା କଥା ଅନୁସାରେ ତୁମ ସେବା ପାଇଁ ଉପସ୍ଥିତ।' ଉପଗୁପ୍ତଙ୍କୁ ଚକିତ କରି କହିଥିଲେ ସୁନ୍ଦରୀ- 'ପ୍ରଭୁ ! ମୁଁ ଯେତେବେଳେ ଆପଣଙ୍କ ଯୋଗ୍ୟା ଥିଲି, ସେତେବେଳେ ଆପଣ ବିସ୍ମୃତ କରିଦେଲେ, ଆଉ ଆଜି ବୟସର ଅପରାହ୍ଣରେ ପୀଡ଼ିତ, ବେସାହାରା ଥିଲାବେଳେ ମୋତେ ଦେଖିବା ନିମନ୍ତେ ଚାଲିଆସିଲେ ଯେ ?' ଉପଗୁପ୍ତଙ୍କର ଉତ୍ତର ଥିଲା- 'ଦେବି ! ଶାରୀରିକ ଆକର୍ଷଣରୁ ଉପୁଜୁଥିବା ଆସକ୍ତିକୁ ବାସନା କୁହାଯାଇଥାଏ। ମୁଁ ତ ଭାବନାତ୍ମକ ସମ୍ବନ୍ଧ ଆଧାରରେ ଏଠାରେ ଉପସ୍ଥିତ। ମୋ ଦୃଷ୍ଟିରେ ଏହି ସମୟ ହିଁ ତୁମ ସହ ବିତାଇବା ପାଇଁ ଉପଯୁକ୍ତ।'

# ବିହାର ସରକାର ଗଠନର ଫର୍ମୁଲା ଚୂଡ଼ାନ୍ତ

**ପାଟନା (ଭିଓଭି) :** ବିହାରରେ ଏନଡିଏର ଜବରଦସ୍ତ ବିଜୟ ପରେ, ଏବେ ସମସ୍ତଙ୍କର ନଜର ନୂଆ ସରକାର ଉପରେ । ସରକାରରେ କାହାର ଦବଦବା ରହିବ? କାହାକୁ କେତେ ମନ୍ତ୍ରୀ ପଦ ମିଳିବ? ଏବେ ସେ ନେଇ ଚାଲିଛି ଅଙ୍କକଷା । ଖାସ୍ କରି ନୀତିଶଙ୍କ ଭାଗରେ କେତେ ମନ୍ତ୍ରୀ ରହୁଛନ୍ତି, ଆଉ ବିଜେପି ଭାଗରେ କେତେ ମନ୍ତ୍ରୀ ରହୁଛନ୍ତି, ତାକୁ ନେଇ ଆରମ୍ଭ ହେଇଛି ଚର୍ଚ୍ଚା ଆଲୋଚନା। ଆଉ ଏହାରି ଭିତରେ ଯେଉଁ ରିପୋର୍ଟ ସାମ୍ନାକୁ ଆସିଛି, ସେଥିରେ ବିହାର ସରକାର ଗଠନର ଗୋଟିଏ ଫର୍ମୁଲା ସାମ୍ନାକୁ ଆସିଛି। ଚର୍ଚ୍ଚା ହେଉଛି ବିହାରରେ ଏଥର ୬ ବିଧାୟକରେ ଗୋଟିଏ ମନ୍ତ୍ରୀପଦ ମିଳିବାର ଫର୍ମୁଲା ବାହାର କରାଯାଇଛି । ଅର୍ଥାତ ଏହି ଢାଞ୍ଚାରେ ହିଁ ଗଢ଼ାଯିବ ବିହାରର ନୂଆ ସରକାର । ମୁଖ୍ୟମନ୍ତ୍ରୀ ନୀତିଶ କୁମାର ରାଜ୍ୟପାଳଙ୍କୁ ଭେଟି ଇସ୍ତଫା ଦେବା ପରେ, ବିହାରର ପୁରୁଣା ସରକାର ଭାଙ୍ଗିବ। ଆଉ ଏହାପରେ ଏନଡିଏ ବିଧାୟକମାନଙ୍କର ବୈଠକ ବସି, ଏଥିରେ ଏନଡିଏର ନେତା ବଛାଯିବ । ନୂଆ ନେତା ବଛାଯିବା ପରେ, ରାଜ୍ୟପାଳଙ୍କୁ ଭେଟି ଏନଡିଏର ନେତା ସରକାର ଗଠନ କରିବା ନେଇ ଦାବି ଜଣାଇବେ । ଆଉ ତା ସହ ନଭେମ୍ବର ୧୯ କିମ୍ବା ୨୦ରେ ବିହାରର ଗାନ୍ଧୀ ମୈଦାନରେ ନୂଆ ସରକାର ଶପଥ ଗ୍ରହଣ କରିବ । ଖାସ୍ ସୂତ୍ରରୁ ଯେଉଁ ତଥ୍ୟ ଏବେ ସାମ୍ନାକୁ ଆସିଛି, ସେଥିରୁ ଜଣାପଡୁଛି, ବିହାରରେ ମୁଖ୍ୟମନ୍ତ୍ରୀ ନୀତିଶ କୁମାର ରହିଲେ ବି, ମନ୍ତ୍ରୀମଣ୍ଡଳର ପ୍ରମୁଖ ବିଭାଗ କିନ୍ତୁ ବିଜେପି ହାତରେ ରହିବ । ୧୫ରୁ ୧୬ ଜଣ ବିଜେପିର ନେତା ମନ୍ତ୍ରୀ ଭାବେ ନୂଆ ସରକାରରେ ଶପଥ ନେଇପାରନ୍ତି । ସେହିପରି ଜେଡିୟୁର ୧୪ ଜଣ ନେତା ନୀତିଶଙ୍କ ନୂଆ ସରକାରରେ ମନ୍ତ୍ରୀ ଭାବେ ଶପଥ ନେବେ । ଆଉ ସେହି ଗଣିତ ଅନୁପାତରେ ଚିରାଗ ପାସୱାନଙ୍କ ଦଳକୁ ୩ଟି ମନ୍ତ୍ରୀପଦ ଆଉ ଜୀତନ ରାମ ମାଞ୍ଝୀ ଆଉ ଉପେନ୍ଦ୍ର କୁଶବାହାଙ୍କ ଦଳକୁ ଗୋଟିଏ ଲେଖାଏଁ ମନ୍ତ୍ରିପଦ ମିଳିପାରେ । ବିହାରର ପୂର୍ବ ସରକାରରେ ନୀତିଶ କୁମାର ମୁଖ୍ୟମନ୍ତ୍ରୀ ରହିଥିଲେ, ଆଉ ଉପ-ମୁଖ୍ୟମନ୍ତ୍ରୀ ରହିଥିଲେ ବିଜେପିର ଦୁଇ ନେତା । ଆଉ ସେହି ଗଣିତରେ ଏବେ ବି ନୂଆ ସରକାରରେ ବିଜେପିର ଦୁଇ ନେତା ଉପ-ମୁଖ୍ୟମନ୍ତ୍ରୀ ହୋଇପାରନ୍ତି । ଖାସ୍ କରି ସମ୍ରାଟ ଚୌଧୁରୀ ବିଜେପିର ଉପ-ମୁଖ୍ୟମନ୍ତ୍ରୀ ହେବା ଏକପ୍ରକାର ପକ୍କା ବୋଲି ଜଣାପଡୁଛି । ଏହାସହ ଚିରାଗ ପାସୱାନଙ୍କ ଦଳକୁ ମଧ୍ୟ ଏଥରର ମନ୍ତ୍ରିମଣ୍ଡଳରେ ଭଲ ବିଭାଗ ମିଳିପାରେ ବୋଲି ଚର୍ଚ୍ଚା ହେଉଛି। ବିହାର ବିଧାନସଭା ନିର୍ବାଚନରେ ଏଥର ଏନଡିଏ ବମ୍ପର ବିଜୟ ହାସଲ କରିଛି । ତେଜସ୍ୱୀ ଆଉ ରାହୁଲଙ୍କ ଜଲୱା ଆଗରେ ମୋଦୀ ମ୍ୟାଜିକ୍ ଭାରି ପଡ଼ିଛି । ୨୪୩ ସିଟରୁ ଏକାକୀ ଏନଡିଏ ୨୦୨ ସିଟ୍ ଜିତିଥିବାବେଳେ, ମହାମେଣ୍ଟ ଜିତିଛି କେବଳ ୩୫ ଆସନ । ତେଣୁ ଏଥର ବିହାରରେ ପୁଣିଥରେ ନୀତିଶ ସରକାର ହେବାକୁ ଥିବାବେଳେ, ସରକାରରେ ବିଜେପିକୁ କେଉଁ କେଉଁ ମନ୍ତ୍ରିପଦ ମିଳୁଛି, ତା' ଉପରେ ଏବେ ସମସ୍ତଙ୍କର ନଜର ।

ଇତିମଧ୍ୟରେ ସଦ୍ୟ ସୂଚନା ମୁତାବକ ବିହାରରେ ନୂଆ ସରକାର ଗଠନ କରିବାର ପ୍ରକ୍ରିୟା ଆରମ୍ଭ ହୋଇସାରିଛି । ଏବେ ଦିଲ୍ଲୀରୁ ଆରମ୍ଭ କରି ପାଟନା ପର୍ଯ୍ୟନ୍ତ ସବୁଠି ଚାଲିଛି ମିଟିଂ । କେବେ ଶପଥ ଗ୍ରହଣ ହେବ? ସରକାରରେ କାହାର କେତେ ଭାଗିଦାରୀ ରହିବ? କାହାକୁ କେଉଁ ବିଭାଗ ମିଳିବ ତାକୁ ନେଇ ଏବେ ଜୋରଦାର ଚାଲିଛି ଚର୍ଚ୍ଚା । ଆଉ ଏହାରି ଭିତରେ ମିଳିଥିବା ସୂଚନା ଅନୁସାରେ ନଭେମ୍ବର ୧୯ କିମ୍ବା ୨୦ ତାରିଖରେ ନୂଆ ମୁଖ୍ୟମନ୍ତ୍ରୀ ଶପଥ ନେଇପାରନ୍ତି । ଏଥିପାଇଁ ବିହାରର ଗାନ୍ଧୀ ମୈଦାନକୁ ପ୍ରସ୍ତୁତ କରାଯାଉଛି । ଏହି ଶପଥ ଗ୍ରହଣ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାମିଲ ହେବେ । ଆଜି ନିର୍ବାଚନ ଆୟୋଗ ବିଧିବଦ୍ଧ ଭାବେ ବିହାରର ରାଜ୍ୟପାଳଙ୍କୁ



ବିହାର ନିର୍ବାଚନର ରେଜଲ୍ଟ ନେଇ ସୂଚନା ଦେବେ । ଏହାପରେ ବିଧାନସଭା ନିର୍ବାଚନକୁ ନେଇ ବିହାରରେ ଲାଗୁଥିବା ଆଦର୍ଶ ଆଚରଣ ବିଧି ଶେଷ ହେଇଯିବ। ଏହାପରେ ମିଳିଥିବା ସୂଚନା ଅନୁସାରେ, ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ନିଜ କ୍ୟାବିନେଟ୍ ବୈଠକ କରିବେ, ଯେଉଁଠି ୧୭ତମ ବିଧାନସଭାକୁ ଭଙ୍ଗ କରିବାକୁ ପ୍ରସ୍ତାବ ପାରିତ ହେବ । ଏହାପରେ ନୀତୀଶ କୁମାର ରାଜ୍ୟପାଳଙ୍କୁ ଭେଟି ନିଜର ଇସ୍ତଫା ଦେବେ । ଆଉ ନୂଆ ସରକାର ଗଠନ ହେବା ନେଇ ବିଧିବଦ୍ଧ ଭାବେ ପ୍ରକ୍ରିୟା ଆରମ୍ଭ ହେଇଯିବ । ନୀତୀଶ କୁମାରଙ୍କ ଇସ୍ତଫା ପରେ ଏନଡିଏର ସବୁ ଦଳକୁ ନେଇ ବୈଠକ ବସିବ । ଏହି ବୈଠକରେ ଏନଡିଏର ବିଧାୟକମାନେ ନିଜର ନେତା ବାଛିବେ। ଏନଡିଏ ବିଧାୟକଙ୍କ ବୈଠକରେ ନେତା ବଛାଯିବା ପରେ, ରାଜ୍ୟପାଳଙ୍କ ପାଖରେ ଏନଡିଏର ନେତା ସରକାର ଗଠନ ନେଇ ଦାବି ଜଣାଇବେ । ଆଉ ତା ପରେ ଶପଥ ଗ୍ରହଣ ସମାରୋହର ତାରିଖ ଆସିବ ବୋଲି କୁହାଯାଉଛି । ଚର୍ଚ୍ଚା ଅନୁସାରେ, ବିହାରର ଏହି ଶପଥ ଗ୍ରହଣ ସମାରୋହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହିତ ବିଜେପି ଶାସିତ ତମାମ ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ମଧ୍ୟ ସାମିଲ ହେବେ । ଏଥିପାଇ ଅତିଥିମାନଙ୍କ ଏକ ଲମ୍ବା ଲିଷ୍ଟ ପ୍ରସ୍ତୁତ କରାଯାଉଛି ।

## ମୋତେ ଅନାଥ କରିଦେଲେ : ରୋହିଣୀ

**ପାଟନା (ଭିଓଭି) :** ରାଜନୀତିର ହଟଚମଟ ଭିତରେ କିଛି ସମ୍ପର୍କର ଗଭୀରତା ଓ ତ୍ୟାଗ ଏପରି ଭାବରେ ସାମ୍ନାକୁ ଆସେ ଯାହା ସମସ୍ତଙ୍କ ହୃଦୟକୁ ଛୁଇଁଯାଏ । ସେହିପରି ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଆରଜେଡି ସୁପ୍ରିମୋ ଲାଲୁ ପ୍ରସାଦ ଯାଦବଙ୍କ ଝିଅ ରୋହିଣୀଙ୍କ ଏକ ହୃଦୟସ୍ପର୍ଶୀ ପୋଷ୍ଟ ଏବେ ଚର୍ଚ୍ଚାର ବିଷୟ ପାଲଟିଛି । ରାଜନୈତିକ କଟାକ୍ଷ ଏବଂ ବାଦ ବିବାଦଠାରୁ ଦୂରରେ ରହି ସେ ନିଜ ପରିବାର ପ୍ରତି ଥିବା ଗଭୀର ଭଲପାଇବା ନେଇ ନିଜର ଭାବନାକୁ ବ୍ୟକ୍ତ କରିଛନ୍ତି। ବିହାର ନିର୍ବାଚନ ଫଳାଫଳ ପରେ ଆରଜେଡି ସୁପ୍ରିମୋ ଲାଲୁ ଯାଦବଙ୍କ ପରିବାରରେ ଚାଲିଥିବା ବିବାଦ ମଧ୍ୟରେ ରୋହିଣୀ ଆଚାର୍ଯ୍ୟଙ୍କ ନୂଆ ଡ ପୋଷ୍ଟ ସାମ୍ନାକୁ ଆସିଛି, ଯାହା ରାଜନୈତିକ ହଲଚଲକୁ ତୀବ୍ର କରିଛି । କିଛି ଦିନ ପୂର୍ବରୁ ସେ ରାଜନୀତି ଛାଡ଼ିବା ଏବଂ ପରିବାର ସହିତ ସମ୍ପର୍କ ଛିନ୍ନ କରିବାକୁ ଘୋଷଣା କରିଥିଲେ । ବର୍ତ୍ତମାନ ସେ ତାଙ୍କର ସଦ୍ୟତମ ପୋଷ୍ଟରେ ଯେଉଁଭଳି ଭାବରେ ନିଜର ଦୁଃଖ ବର୍ଣ୍ଣନା କରିଛନ୍ତି, ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ରୋହିଣୀ ନିଜ ପୋଷ୍ଟରେ ଲେଖିଛନ୍ତି- 'ଜଣେ ଝିଅ, ଜଣେ ଭଉଣୀ, ଜଣେ ବିବାହିତା ମହିଳା, ଜଣେ ମାଆକୁ ଅପମାନିତ କରାଗଲା, ଅଶ୍ଳୀଳ ଗାଳି ଦିଆଗଲା, ମାରିବା ପାଇଁ ଚପଲ ଉଠାଗଲା । ମୁଁ କେବେହେଲେ ମୋର ଆତ୍ମସମ୍ମାନ ସହିତ ସାଲିସ କରିନାହିଁ, ସତ୍ୟକୁ ସମର୍ପଣ କରିନାହିଁ, କେବଳ ଏହି କାରଣରୁ ହିଁ ମୋତେ ଅପମାନ ସହିବାକୁ ପଡ଼ିଲା । କାଲି ଜଣେ ଝିଅ ବାଧ୍ୟ ହୋଇ ନିଜର କାନ୍ଦୁଥିବା ମାଆ-ବାପା ଭଉଣୀମାନଙ୍କୁ ଛାଡ଼ି ଆସିଲା, ମୋର ବାପଘର ଛଡ଼ାଗଲା.. ମୋତେ ଅନାଥ କରିଦିଆଗଲା। କେହି ବି ମୋ ରାସ୍ତାରେ ଚାଲନ୍ତୁ ନାହିଁ, କୌଣସି ଘରେ ରୋହିଣୀ ଭଳି ଝିଅ-ଭଉଣୀ ଜନ୍ମ ନିଅନ୍ତୁ ନାହିଁ।' ଖାଲି ସେତିକି ନୁହେଁ, ରୋହିଣୀ ଆଚାର୍ଯ୍ୟ ଏକ୍ସରେ ପୋଷ୍ଟ କରି ରାଜନୀତି ଛାଡ଼ିବା ଏବଂ ନିଜ ପରିବାର ସହିତ ସମ୍ପର୍କ ଛିନ୍ନ କରିବା କଥା କହିଛନ୍ତି । ତାଙ୍କର ଏହି ନିଷ୍ପତ୍ତି ରାଜନୈତିକ ଜଗତରେ ନୂଆ ଚର୍ଚ୍ଚା ସୃଷ୍ଟି କରିଛି । ସବୁବେଳେ ପିତା ଲାଲୁ ପ୍ରସାଦଙ୍କ ସହିତ ଠିଆ ହେଉଥିବା ରୋହିଣୀଙ୍କ ଏହି ପଦକ୍ଷେପ ପରିବାର ଭିତରେ ଅତ୍ୟଧିକ ତିକ୍ତତା ଥିବା ଦର୍ଶାଉଛି। ରୋହିଣୀଙ୍କ ଏହି ଭାବପ୍ରବଣ ପୋଷ୍ଟ ପରେ ଲୋକମାନେ ପଚାରୁଛନ୍ତି ଯେ ଶେଷରେ ପରିବାର ଭିତରେ ଏଭଳି ପରିସ୍ଥିତି କାହିଁକି ଆସିଲା? ବିଶେଷ କରି ଆରଜେଡି କ୍ୟାମ୍ପ କିମ୍ବା ଲାଲୁ ପରିବାର ପକ୍ଷରୁ ଏପର୍ଯ୍ୟନ୍ତ ଏନେଇ କୌଣସି ଆଧିକାରିକ ପ୍ରତିକ୍ରିୟା ଆସିନାହିଁ । ରାଜନୈତିକ ବିଶେଷଜ୍ଞମାନେ ମତ ଦେଉଛନ୍ତି ଯେ ନିର୍ବାଚନ ଫଳାଫଳରୁ ସୃଷ୍ଟି ହୋଇଥିବା ନିରାଶା ଏବଂ ପରିବାର ଭିତରେ ଚାଲିଥିବା ବିବାଦର ପ୍ରଭାବ ବର୍ତ୍ତମାନ ସ୍ପଷ୍ଟ ଭାବରେ ଦେଖାଯାଉଛି। ଆରଜେଡି ପୂର୍ବରୁ ହିଁ ନିର୍ବାଚନୀ ଝଟକାରୁ ମୁକୁଳିବାକୁ ଚେଷ୍ଟା କରୁଛି, ଏଭଳି ପରିସ୍ଥିତିରେ ପରିବାରର ଏହି କଳହ ଦଳ ପାଇଁ ଏକ ନୂଆ ଚ୍ୟାଲେଞ୍ଜ ସୃଷ୍ଟି କରିପାରେ ।



## ରାଜନୀତିରୁ ସନ୍ନ୍ୟାସ ନେବେ କି ପ୍ରଶାନ୍ତ

ପାଟନା (ଭିଓଭି) : ବିହାର ବିଧାନସଭା ନିର୍ବାଚନର ରେଜଲ୍ଟ ସବୁଠୁ ଅଧିକ ଝଟକା ଦେଇଛି ଜନ ସୁରାଜ ପାର୍ଟିର ନେତା ପ୍ରଶାନ୍ତ କିଶୋରଙ୍କୁ । କାହିଁକିନା ନିର୍ବାଚନ ରେଜଲ୍ଟ ଆସିବା ପୂର୍ବରୁ ଅନେକ ଇଣ୍ଟରଭ୍ୟୁରେ ପ୍ରଶାନ୍ତ କିଶୋର ଖୋଲାଖୋଲି କହିଥିଲେ, ନିର୍ବାଚନରେ ଜେଡିୟୁକୁ ୨୫ଟି ସିଟ୍ ମିଳିବିନି, ଯଦି ମିଳିବ ତେବେ ସେ ରାଜନୀତି ଛାଡ଼ିଦେବେ । ହେଲେ ନିର୍ବାଚନରେ କିନ୍ତୁ ଜେଡିୟୁ ଏକାକି ୮୫ ଆସନ ଜିତିବା ସହ ଏନଡିଏ ମୋଟ ୨୦୨ ଆସନ ଜିତି ପୁଣିଥରେ ସରକାର ଗଠନ କରିବାକୁ ଯାଉଛି। ଆଉ ଏହାପରେ ଚର୍ଚ୍ଚା ବଢ଼ିଛି ଯେ, ସତରେ କଣ ନିଜ କଥାକୁ ରଖି ପ୍ରଶାନ୍ତ କିଶୋର ରାଜନୀତିରୁ ସନ୍ନ୍ୟାସ ନେବେ? ଏହିକଥାକୁ ନେଇ ଜନ ସୁରାଜ ପାର୍ଟିର ରାଷ୍ଟ୍ରୀୟ ଅଧ୍ୟକ୍ଷ ଉଦୟ ସିଂହ ଏବେ ପ୍ରତିକ୍ରିୟା ରଖିଛନ୍ତି । ସେ କହିଛନ୍ତି, ପ୍ରଶାନ୍ତ କିଶୋର କେବେ ବି ରାଜନୀତି ଛାଡ଼ିବେ ନାହିଁ । ଆପଣମାନେ ଚାହୁଁଛନ୍ତି ପ୍ରଶାନ୍ତ କିଶୋର ରାଜନୀତି ଛାଡ଼ିଦିଅନ୍ତୁ । ଆପଣମାନେ ଏହି କଥା ଉପରେ ଜୋର ଦେଉଛନ୍ତି। ହେଲେ ସତରେ କଣ ପ୍ରଶାନ୍ତ କିଶୋରଙ୍କ ଭଳି ନେତା ରାଜନୀତି ଛାଡିବା ଉଚିତ୍? ବୋଲି ସେ ପ୍ରଶ୍ନ କରିଛନ୍ତି, ଆଉ ଏହି କଥାକୁ ଆଶ୍ଚର୍ଯ୍ୟଜନକ ବୋଲି କହିଛନ୍ତି । ଜାଣିରଖିବା ଉଚିତ ଯେ, ପ୍ରଶାନ୍ତ କିଶୋର ଦୀର୍ଘ ସମୟ ଧରି ବିହାରରେ ନିଜର କାମ ଜାରି ରଖିଥିଲେ । ଏମିତି କି ଲୋକମାନେ ବି ତାଙ୍କ ପ୍ରତିଟି କଥାକୁ ପସନ୍ଦ କରୁଥିଲେ । ହେଲେ ଏହା କିନ୍ତୁ ଭୋଟରେ ରୂପାନ୍ତରିତ ହୋଇପାରିନଥିଲା। ୨୩୮ ଆସନରେ ପ୍ରଶାନ୍ତ କିଶୋରଙ୍କ ଦଳ ନିର୍ବାଚନ ଲଢ଼ିଥିଲେ ବି, ୨୩୬ ଆସନରେ ଜନ ସୁରାଜ



ପାର୍ଟିର ପ୍ରାର୍ଥୀ ଅମାନତ ହରାଇଥିଲେ । ସୂଚନାଯୋଗ୍ୟ ଯେ, ଏଥର ବିହାର ନିର୍ବାଚନରେ ଏନଡିଏର ବମ୍ପର ବିଜୟ ଘଟିଛି । ୨୪୩ ଆସନରୁ ୨୦୨ ସିଟରେ ବାଜିମାରିଛି ଏନଡିଏ । ଏକାକୀ ନୀତୀଶ କୁମାରଙ୍କ ଦଳ ଜେଡିୟୁ ୮୫ ଆସନରେ ବିଜୟ ହାସଲ କରିଛି। ଆଉ ତା ସହ ଭାରତୀୟ ଜନତା ପାର୍ଟି ଜିତିଛି ୮୯ ସିଟ୍ । ଖାଲି ସେତିକି ନୁହେଁ ଚିରାଗ ପାସୱାନଙ୍କ ଦଳ ମଧ୍ୟ ୧୯ ସିଟ୍ ଜିତିଛି । ଅନ୍ୟପଟେ ମହାମେଣ୍ଟ କିନ୍ତୁ ମାତ୍ର ୩୫ ଆସନରେ ଆଣ୍ଠେଇ ପଡ଼ିଛି ।

## ସଂପାଦକୀୟ

# ଅତିଥି ହେବାପାଇଁ କୁଣ୍ଠା

ନିକଟ ଅତୀତରେ ଖବରକାଗଜରୁ ଏକ ବିଚିତ୍ର ଖବର ପଢିବାକୁ ମିଳିଥିଲା। କୌଣସି ଏକ ସାଂସ୍କୃତିକ ଅନୁଷ୍ଠାନ ଜଣେ ଭଦ୍ରବ୍ୟକ୍ତିଙ୍କୁ ଅତିଥି କରି ଡାକିଥିଲେ। ସଭାକୁ ଆମନ୍ତ୍ରଣ କରିବା ପୂର୍ବରୁ କର୍ମକର୍ତ୍ତାମାନେ ଅତିଥିଙ୍କୁ ଚାନ୍ଦା କେତେ ଦେବେ ବୋଲି ପଚାରିବାରୁ ସେ ଆଶ୍ଚର୍ଯ୍ୟ ପ୍ରକଟ କରିଥିଲେ। କିନ୍ତୁ ଅତିଥି ହେବାର ଲାଳସା ବି ଥିଲା ସୁତରାଂ ସେ ମୂଲଚାଲ କରିଥିଲେ। ମୂଲଚାଲରୁ କଥା ହାତାହାତି ପର୍ଯ୍ୟନ୍ତ ଯାଇଥିଲା ଓ ଅତିଥି ସଭାମଣ୍ଡନ କରିବେ କଣ ଅପମାନିତ ହୋଇ ଫେରିଥିଲେ। ଏହି ଖବରଟିକୁ ଦେଖିବା ପରେ ୨୦୧୬ମସିହାର ମୋର ନିଜସ୍ୱ ଏକ ଅନୁଭୂତି ମନେପଡ଼ିଗଲା। ମୁଁ ସେତେବେଳେ ମୋ ନିଜ ଜିଲ୍ଲା ନୟାଗଡ଼ରେ ଆଦିତ୍ୟ ବିର୍ଲା ଲାଇଫ୍ ବୀମା କମ୍ପାନୀର ଶାଖା ପରିଚାଳକ ଭାବେ ଅବସ୍ଥାପିତ ଥାଏ। ଶାଖା ପରିଚାଳକ ଭାବେ ସାଧାରଣତଃ ବିଭିନ୍ନ ଅଞ୍ଚଳର ବୀମା ବିକ୍ରେତା (ଏଜେଣ୍ଟ ବା ଆଡଭାଇଜର୍) ମାନଙ୍କ ସହ ମୋର ଭଲ ସମ୍ପର୍କ ରହିବା ଏକ ସ୍ୱାଭାବିକ କଥା। ସେହି ସମ୍ପର୍କ ଆଧାରରେ ହଠାତ୍ ଦିନେ ଏକ ନିର୍ଦ୍ଦିଷ୍ଟ ଅଞ୍ଚଳର କିଛି ଆଡଭାଇଜରଙ୍କ ସହ ଗୋଟିଏ ଅନୁଷ୍ଠାନର କର୍ମକର୍ତ୍ତାମାନେ ମୋ ସହିତ ଭେଟ ହୋଇ ସେମାନେ ଆୟୋଜନ କରୁଥିବା ଏକ ଖେଳକୁଦ କାର୍ଯ୍ୟକ୍ରମର ଅତିଥି ହେବା ପାଇଁ ଅନୁରୋଧ କରିଥିଲେ। ସେହି ଖେଳରେ ମୋର ଦକ୍ଷତା ବା ଜ୍ଞାନ ନଥିବାର କାରଣ ଦର୍ଶାଇ ଅତିଥି ହେବା ପାଇଁ ପ୍ରଥମେ ମୁଁ ଅନିଚ୍ଛା ପ୍ରକାଶ କରିଥିଲି। ମୋର ଅନିଚ୍ଛାକୁ ଗୁରୁତ୍ୱ ନଦେଇ ସେମାନେ ନିଜ ଜିଦିରେ ଅଟଳ ରହିବାର ଦେଖି ମୁଁ ସେମାନଙ୍କର ମନ ଊଣା ନକରିବା ଉଦ୍ଦେଶରେ ରାଜି ହୋଇଯାଇଥିଲି।

କାର୍ଯ୍ୟକ୍ରମ ଦିନାଙ୍କ ପାଖେଇ ଆସୁଥାଏ। ଦୈନିକ ସେହି ଅନୁଷ୍ଠାନର କର୍ମକର୍ତ୍ତାମାନେ ସନ୍ଧ୍ୟାରେ ଆସି ମୋ ଅଫିସରେ ବସି କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରୁଥାନ୍ତି। ମୋ ନିଜର ବ୍ୟକ୍ତିଗତ ଅଫିସ କାମର ଚାପ ଥିଲେ ମଧ୍ୟ, ଯେହେତୁ ମୁଁ ସେହି ଅନୁଷ୍ଠାନକୁ ଅତିଥି ହୋଇ ଯିବାପାଇଁ ପ୍ରତିଶ୍ରୁତି ଦେଇଛି, ସେମାନଙ୍କର ସବୁ କଥାବାର୍ତ୍ତା ଶୁଣୁଥାଏ ଓ ତହିଁରେ ଅଳ୍ପ ଅଂଶ ଗ୍ରହଣ ବି କରୁଥାଏ। ମନେ ମନେ ଭାବୁଥାଏ ମୋ ଭଳି ଜଣେ ଜୀବନ ବୀମା କମ୍ପାନୀର ଶାଖା ପରିଚାଳକକୁ ଏମାନେ ମୁଖ୍ୟ ଅତିଥି କରି କାହିଁକି ଡାକୁଛନ୍ତି। କାର୍ଯ୍ୟକ୍ରମର ଠିକ୍ ପୂର୍ବଦିନ ତାର ପ୍ରକୃତ କାରଣ ମୋତେ ଜଣା ପଡ଼ିଯାଇଥିଲା, ଯେତେବେଳେ ଅନୁଷ୍ଠାନର କର୍ମକର୍ତ୍ତାମାନେ ରସିଦ୍ ବହି ଧରି ଆସି କେତେ ପଇସା ଦେବେ ବୋଲି ପଚାରିଥିଲେ। କୌଣସି ଅନୁଷ୍ଠାନର ଧାର୍ମିକ ଓ ମନୋରଞ୍ଜନ କାର୍ଯ୍ୟକ୍ରମ ପାଇଁ ଶହେ, ଦୁଇ ଶହ କିମ୍ବା ପାଞ୍ଚ ଶହ ଟଙ୍କାର ଚାନ୍ଦା ଦେବାଭଳି ନଦେଇ ମୁଁ ଏକ ହଜାର ଟଙ୍କାର ରସିଦ୍ କାଟିବା ପାଇଁ କହିଥିଲି। ମୋ କଥା ଶୁଣିବାକ୍ଷଣି ଅନୁଷ୍ଠାନର ସଭାପତି ମୋତେ ଏକ ହାତଲେଖା ଚିଠା ଦେଖାଇଥିଲେ। ଯେଉଁଥିରେ ମୁଖ୍ୟ ଅତିଥି ହେବା ପାଇଁ ଦଶ ହଜାର, ସମ୍ମାନୀୟ ଅତିଥି ପାଇଁ ପାଞ୍ଚ ହଜାର ଓ କେବଳ ଅତିଥି ହେବା ପାଇଁ ଦୁଇ ହଜାର ଟଙ୍କା ଅତିକମ୍‌ରେ ଦେବା ପାଇଁ ଲେଖା ଯାଇଥିଲା। ମନେ ମନେ ଅସନ୍ତୁଷ୍ଟ ହେଲେ ମଧ୍ୟ ତାକୁ ଚାପି ରଖି ନିଜ ବୀମା ଶାଖାର କିଛି ଆଡଭାଇଜରଙ୍କ ମନକୁ ନଭାଙ୍ଗିବା ପାଇଁ ସାଧାରଣ ଅତିଥିଙ୍କ ପାଇଁ ଉଦ୍ଦିଷ୍ଟ ଚାନ୍ଦା ଦୁଇ ହଜାର ଟଙ୍କା ଦେଲି ସିନା ସେମାନଙ୍କ କାର୍ଯ୍ୟକ୍ରମରେ ଆଉ ଯୋଗ ଦେଇ ନଥିଲି। ଆଜିକାଲି ଯୁଆଡେ ଦେଖିବ ସେହି ଟ୍ରେଣ୍ଡ୍। ଗାଆଁ ଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ବିଭିନ୍ନ ରାଜନୈତିକ ଦଳର ଛୋଟ ବଡ କର୍ମକର୍ତ୍ତାମାନେ ନିଜ ନିଜର ରାଜନୈତିକ ଦୁରାଭିସନ୍ଧିକୁ ପୂରଣ କରିବା ପାଇଁ ଖୋଜି ଖୋଜି ଫୁଟବଲ, କ୍ରିକେଟ, ଇତ୍ୟାଦି ଖେଳ, ମନ୍ଦିର ପ୍ରତିଷ୍ଠା, ଦେବଦେବୀଙ୍କ ଯଜ୍ଞ, ରାମ ଚରିତ ମାନସ, ଅଷ୍ଟପ୍ରହରୀ ଭଳି ଧାର୍ମିକ କାର୍ଯ୍ୟକ୍ରମ, ଡ୍ରାମା, ପାଲା, ଘୁଡୁକି, ଘୋଡ଼ା ନାଚ ଇତ୍ୟାଦି ସାଂସ୍କୃତିକ ଓ ମନୋରଞ୍ଜନ ଅନୁଷ୍ଠାନ ମାନଙ୍କରେ ଭଲ ଚାନ୍ଦା ଦେଇ ଅତିଥି ଚୌକି ମଣ୍ଡନ କରୁଛନ୍ତି। ଯିଏ ଭଲ ଚାନ୍ଦା ଦେଲା ସେ ଅତିଥି ହେଲା। କୌଣସି କାର୍ଯ୍ୟକ୍ରମ କରିବା ପୂର୍ବରୁ ପଇସା ଆଦାୟର ରଣନୀତି କରିବାକୁ ଯାଇ ବିଭିନ୍ନ ରାଜନୈତିକ ଦଳର ଦଣ୍ଡିଆମାନଙ୍କ ମାଧ୍ୟମରେ ନେତା ହେବା ପାଇଁ ମନରେ କୁରୁଳୁଥିବା ନେତା ମାନଙ୍କ ତାଲିକା କରି ତାଙ୍କ ସହ ଚାନ୍ଦାଭେଦା ଆଗୁଆ ସ୍ଥିର କରି ଅନୁଷ୍ଠାନର ଅତିଥି କରୁଛନ୍ତି। ସେଥିପାଇଁ ଆଜିକାଲି କୌଣସି ସଭାରେ ବିଦ୍ୱାନ, ଜ୍ଞାନୀ, ଗୁଣୀମାନଙ୍କ ମୁହଁ ଆଉ ବେଶୀ ଦେଖା ଯାଉନାହିଁ। ସାହିତ୍ୟ ସଭାରେ ଆଉ ସାହିତ୍ୟ ଆଲୋଚନା ହେଉ ନାହିଁ, କି ଧାର୍ମିକ କାର୍ଯ୍ୟକ୍ରମରେ ସାଧୁ ସନ୍ଥ ମାନଙ୍କ ଉପସ୍ଥିତି ଆଉ ଦେଖିବାକୁ ମିଳୁନି। ଆଜିର ଏଇ ଲେଖା ମାଧ୍ୟମରେ ପ୍ରତ୍ୟେକ ଅନୁଷ୍ଠାନର କର୍ମକର୍ତ୍ତାମାନଙ୍କୁ ଗୋଟିଏ ଅନୁରୋଧ କରିବାକୁ ଚାହିଁବି, କେବଳ ପଇସା ଦିଆ ଅତିଥିଙ୍କ ଉପରେ ଗୁରୁତ୍ୱ ନଦେଇ କାର୍ଯ୍ୟକ୍ରମ ପାଇଁ ଉପଯୁକ୍ତ ଓ ପ୍ରତିଭାସମ୍ପନ୍ନ ଅତିଥିମାନଙ୍କୁ ଆଣିବା ଉପରେ ଗୁରୁତ୍ୱ ଦିଅନ୍ତୁ ନହେଲେ ଭଲ ଲୋକମାନେ ଅତିଥି ହେବକୁ କୁଣ୍ଠା ପ୍ରକାଶ କରିବେ।

## ଇତିହାସ ରଚିଲେ ମୈଥିଳୀ

# କଣ୍ଠଶିଳ୍ପୀରୁ ବିଧାୟିକା

**ମାତ୍ର ୪ ବର୍ଷ ବୟସରୁ ନିଜ ସ୍ୱରର ଯାଦୁ ଦେଖାଇଥିବା ମୈଥିଳୀ ଏବେ ରାଜନୀତିରେ ମଧ୍ୟ ସକ୍ରିୟ ହୋଇଛନ୍ତି । ସେ ସବୁଠାରୁ କମ୍ ବୟସରେ ବିଧାୟିକା ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି ।**



ପ୍ରସିଦ୍ଧ ଗାୟିକା ମୈଥିଳୀ ଠାକୁର କମ୍ ବୟସରେ ସଙ୍ଗୀତ ଜଗତରେ ଏକ ଅଲିଭା ଛାପ ଛାଡିଛନ୍ତି । ତାଙ୍କ ଗୀତର ଚର୍ଚ୍ଚା ଦେଶ ବିଦେଶରେ ହୋଇଥାଏ। ମାତ୍ର ୪ ବର୍ଷ ବୟସରୁ ନିଜ ସ୍ୱରର ଯାଦୁ ଦେଖାଇଥିବା ମୈଥିଳୀ ଏବେ ରାଜନୀତିରେ ମଧ୍ୟ ସକ୍ରିୟ ହୋଇଛନ୍ତି । ସେ ସବୁଠାରୁ କମ୍ ବୟସରେ ବିଧାୟିକା ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି । ମାତ୍ର ୨୫ ବର୍ଷ ବୟସରେ ଏବେ ସେ ସକ୍ରିୟ ରାଜନୀତିରେ ସାମିଲ ହୋଇଛନ୍ତି । ରାଜନୀତିରେ ପାଦ ଦେବା ପୂର୍ବରୁ ମୈଥିଳୀ ଠାକୁର ସଙ୍ଗୀତ ଜଗତରେ ନିଜର ଛାପ ଛାଡିଥିଲେ । ୨୫ ଜୁଲାଇ ୨୦୦୦ରେ ବିହାରରେ ଜନ୍ମଗ୍ରହଣ କରିଥିବା ଏହି ଗାୟିକାଙ୍କୁ ମାତ୍ର ୪ ବର୍ଷ ହୋଇଥିଲା, ଯେତେବେଳେ ତାଙ୍କ ପରିବାର ଦିଲ୍ଲୀ ଆସିଥିଲା ଏବଂ ସେଠାରେ ସେ ନିଜ ଜେଜେଙ୍କଠାରୁ ଗାୟନ କଳା ଶିଖିଥିଲେ । ପ୍ରାରମ୍ଭରେ ସେ ଜାଗରଣ ଏବଂ ସଙ୍ଗୀତ କାର୍ଯ୍ୟକ୍ରମରେ ଗୀତ ଗାଉଥିଲେ ।

ମୈଥିଳୀ ଠାକୁର ସଙ୍ଗୀତ ଜଗତରେ ପରିଚୟ ହାସଲ କରିବା ପାଇଁ ଅନେକ ରିଆଲିଟି ଶୋ'ରେ ମଧ୍ୟ ଭାଗ ନେଇଥିଲେ । ମାତ୍ର ୧୧ ବର୍ଷ ବୟସରେ ସେ ଜି ଟିଭିରେ ପ୍ରସାରିତ ହେଉଥିବା ସିଙ୍ଗିଂ ରିଆଲିଟି ଶୋ' ଲିଟିଲ ଚାମ୍ପସ୍‌ରେ ଆସିଥିଲେ । ଏହା ପରେ ସେ ଇଣ୍ଡିଆନ୍ ଆଇଡଲ୍ ଜୁନିଅରରେ ଲୋକପ୍ରିୟତା ହାସଲ କରିଥିଲେ । ନିଜର ଯାଦୁକରୀ ସ୍ୱର ସହିତ ମୈଥିଳୀ ଠାକୁର ୨୦୧୬ରେ ଆସିଥିବା ଜିନିୟସ୍ ୟଙ୍ଗ ସିଙ୍ଗିଂ ପ୍ରତିଯୋଗିତା ଜିତିଥିଲେ ଏବଂ ତାଙ୍କର ପ୍ରଥମ ମ୍ୟୁଜିକ୍ ଆଲବମ୍ ୟା ରବା ଲଞ୍ଚ କରିଥିଲେ। ଏହାର ଠିକ୍ ଏକ ବର୍ଷ ପରେ ସେ ରାଇଜିଂ ଷ୍ଟାର ଶୋ'କୁ ଯାଇଥିଲେ । ରିପୋର୍ଟ ଅନୁଯାୟୀ, ରାଇଜିଂ ଷ୍ଟାରର ପ୍ରଥମ ସିଜିନରେ ମୈଥିଳୀ ମାତ୍ର ୨ ଭୋଟରେ ହାରିଥିଲେ । ସେ ସିଜିନର ପ୍ରଥମ ରନର୍ସ-ଅପ୍ ରହିଥିଲେ ।

ଯଦିଓ ମୈଥିଳୀ ଠାକୁର ରାଇଜିଂ ଷ୍ଟାର୍ ଟ୍ରଫି ହାରି ଯାଇଥିଲେ, ତଥାପି ସେ ରାତାରାତି ଷ୍ଟାର୍ ପାଲଟି ଯାଇଥିଲେ । ଏହା ପରେ ସେ କେବେ ପଛକୁ ଚାହି ନାହାନ୍ତି । ସେ ଅନେକ ଜାତୀୟ ଏବଂ ଅନ୍ତର୍ଜାତୀୟ ପ୍ଲାଟଫର୍ମରେ ପରଫରମାନ୍ସ ଦେଇଛନ୍ତି। ୨୦୨୧ରେ ତାଙ୍କୁ ଲୋକମତ ସୁର ଜ୍ୟୋତ୍ସ୍ନା ନ୍ୟାସନାଲ ମ୍ୟୁଜିକ୍ ଆୱାର୍ଡରେ ସମ୍ମାନିତ କରାଯାଇଥିଲା । ଆଜି ସେ ବିହାରରେ ନିଜର ଲୋକଗୀତ ପାଇଁ ସବୁଠାରୁ ଅଧିକ ପ୍ରସିଦ୍ଧ । ଏପରିକି ବିହାର ବିଧାନସଭା ନିର୍ବାଚନରେ ଭାରି ଭୋଟରେ ଜିତି ସେ ସବୁଠାରୁ କମ୍ ବୟସର ବିଧାୟିକା ପାଲଟିଛନ୍ତି ।

ମୈଥିଳୀ ଠାକୁର ତାଙ୍କ ନାମାଙ୍କନ ସମୟରେ ନିର୍ବାଚନ କମିଶନଙ୍କ ନିକଟରେ ଦାଖଲ କରାଯାଇଥିବା ଏକ ସରକାରୀ ଶପଥପତ୍ରରେ ତାଙ୍କର ସମ୍ପତ୍ତି ବିଷୟରେ ପ୍ରକାଶ କରିଥିଲେ । ଏହି ସତ୍ୟପାଠ ଅନୁଯାୟୀ, ମୈଥିଳୀଙ୍କ ସ୍ଥାବର ଏବଂ ଅସ୍ଥାବର ସମ୍ପତ୍ତି ୪ କୋଟି ମୂଲ୍ୟର ଥିଲା । ୨୦୧୯-୨୦ରେ ତାଙ୍କର ବାର୍ଷିକ ଆୟ ୧୨.୦୨ ଲକ୍ଷ ଥିଲା, ଯାହା ୨୦୧୯-୨୦ରେ ୨୮.୬୭ ଲକ୍ଷ ହୋଇଛି । ଏହାର ଅର୍ଥ ହେଉଛି ପାଞ୍ଚ ବର୍ଷ ମଧ୍ୟରେ ତାଙ୍କର ଆୟ ପ୍ରାୟ ଦ୍ୱିଗୁଣିତ ହୋଇଛି । ମୈଥିଳୀଙ୍କ ଆୟର ମୁଖ୍ୟ ଉତ୍ସ ହେଉଛି ଗୀତ ଗାଇବା, ସୋସିଆଲ ମିଡିଆ ଏବଂ ବ୍ରାଣ୍ଡ ପ୍ରମୋସନ୍ ।



**ଆପଣଙ୍କ ଅଭିଯୋଗ, ସମସ୍ୟା ଓ ମତାମତକୁ ପ୍ରମାଣ ସହ ପଠାନ୍ତୁ । ବିଶେଷ ପୃଷ୍ଠା ନିମନ୍ତେ ଲେଖା ମଧ୍ୟ ପଠାଇ ପାରିବେ ।**

ମୋବାଇଲ (ହ୍ୱାଟସଆପ୍) : ୬୩୭୧୪୧୭୩୬୧
ଇମେଲ: voiceofvictimsnews@gmail.com
ମୁଖ୍ୟ ସମ୍ପାଦକ : କୈଳାସ ଚନ୍ଦ୍ର ଶତପଥୀ
ମୁଖ୍ୟ ପ୍ରତିନିଧି : ରଣଜିତ୍ ପଟ୍ଟନାୟକ

# କେନ୍ଦ୍ରାପଡ଼ାରେ ପୁଣି ଗର୍ଜିଲା ବନ୍ଧୁକ



ଗୋରୁ ମାଫିଆଙ୍କ ଗୁଳି ମାଡରେ ଯୁବକ ଗୁରୁତର

**କେନ୍ଦ୍ରାପଡ଼ା (ଭିଓଭି) :** ଗୋରୁ ମାଫିଆଙ୍କ ଗୁଳି ମାଡରେ ଗୁରୁତର ନରଣପୁର ଗାଁର ଅକ୍ଷୟ ଦାସ। ଗଣ୍ଡାକିଆ ଆଡୁ କେନ୍ଦ୍ରାପଡା ଅଭିମୁଖେ ଗୋରୁ ବୋଝେଇ ଗାଡ଼ିଟି ଯାଉଥିବା ସମୟରେ ନରଣପୁର ଗାଁର କିଛି ପିଲା ଗୋରୁବୋଝେଇ ଗାଡ଼ିଟିକୁ ଅଟକାଇ ଥିଲେ। ଗୋରୁଗାଡି ପଛେ ପଛେ ଆସୁଥିବା ଗୋରୁମାଫିଆମାନେ ଗାଡ଼ି ଅଟକି ଥିବା ଦେଖି ଅନତି ଦୂରରେ ଠିଆ ହୋଇଥିବା ନରଣପୁର ଗାଁର ଅକ୍ଷୟ ଦାସଙ୍କୁ ଗୁଳିମାଡ କରିଥିଲେ। ସୂଚନା ଥାଉକି ନରଣପୁର ଗାଁର କିଛି ଯୁବକ ଗୋରୁବୋଝେଇ ଗାଡିକୁ ଅଟକାଇ ରଖିଥିଲେ । କ୍ଲବ୍ ଘରେ ଶୋଇଥିବା ଅକ୍ଷୟ ଦାସ ପାଟିଶୁଣି ଘଟଣା କଣ ଜାଣିବା ପାଇଁ ବାହାରକୁ ଉଠି ଆସିବା ବେଳେ ସେହି ସମୟରେ ଗୋରୁମାଫିଆ ସେଠାରେ ପହଞ୍ଚି ଯାଇଥିଲେ। ଅକ୍ଷୟଙ୍କୁ ଗାଡ଼ି ଅଟକାଇ ଥିବା ଭାବି ଗୁଳିମାଡ କରିଥିଲେ। ଅକ୍ଷୟଙ୍କ ଜଂଘରେ ଲାଗିଛି ଗୁଳି। ଗୁଳିମାଡ ପରେ ଅକ୍ଷୟ ଗୁରୁତର ଅବସ୍ଥାରେ ଜିଲ୍ଲା ଚିକିତ୍ସାଳୟରେ ଭର୍ତ୍ତି ପରେ ଅବସ୍ଥା ଗୁରୁତର ଦେଖି ବିଭାଗୀୟ ଡାକ୍ତର ଅଧିକ ଚିକିତ୍ସା ପାଇଁ କଟକ ବଡ଼ମେଡିକାଲ ସ୍ଥାନାନ୍ତର କରିଛନ୍ତି। ଅକ୍ଷୟଙ୍କ ଜଂଘରେ ଏବେବି ଗୁଳି ରହିଛି। ଘଟଣାସ୍ଥଳରେ ଉତ୍ତେଜନା ସୃଷ୍ଟି ହୋଇଛି। ଗୁଳିମାଡ ପରେ ସଦର ପୋଲିସ ପହଞ୍ଚି ଘଟଣା ସମ୍ପର୍କରେ ଛାନଭିନ୍ କରୁଛି।

# ବେଧଡ଼କ ଚାଲାଣ ହେଉଛି ଗଞ୍ଜେଇ

## ଅବକାରୀ ଟିମକୁ ଚକମା ଦେଉଛନ୍ତି ମାଫିଆ

**ଭୁବନେଶ୍ୱର (ଭିଓଭି) :** ବେଧଡକ ଚାଲାଣ ହେଉଛି ଗଞ୍ଜେଇ । ଓଡିଶାରୁ ବାହାର ରାଜ୍ୟକୁ ଯାଉଛି । ଏଥିପାଇଁ ବ୍ରହ୍ମପୁରକୁ ବାଟ ବାଛିଛନ୍ତି ଗଞ୍ଜେଇ ମାଫିଆ । ଯାହା ଏବେ ବ୍ରହ୍ମପୁର ଅବକାରୀ ବିଭାଗର ନିଦ ଉଡାଇ ଦେଇଛି । ପାହାଡ଼ରେ ଚାଷ, ଜିଲ୍ଲା ପାର ବେପାର । ଗଜପତି ଓ କନ୍ଧମାଳରୁ ବାହାର ରାଜ୍ୟକୁ ଯାଉଛି ଟନ୍ ଟନ୍ ଗଞ୍ଜେଇ । ବଜାର ଚାହିଦା ବଢୁଥିବାରୁ ମାଫିଆରାଜ ବି ଉପରମୁହାଁ । ଆଉ ଏଥିପାଇଁ ବ୍ରହ୍ମପୁର ସାଜିଛି ଗଞ୍ଜେଇର ଗ୍ରିନ କରିଡର । ଦିଗପହଣ୍ଡି ଓ ଆସ୍କା ରାସ୍ତାରେ ପ୍ରତିଦିନ ଗଞ୍ଜେଇ ବ୍ରହ୍ମପୁରରେ ପହଞ୍ଚିବା ପରେ ଏଠାରୁ ବଡ଼ ଗାଡି ଓ ଟ୍ରେନ ଯୋଗେ ୟୁପି, ଆନ୍ଧ୍ର, ତାମିଲନାଡୁ, କର୍ଣ୍ଣାଟକ ଓ କେରଳ ରାଜ୍ୟକୁ ଚାଲାଣ ହେଉଛି । ଅବକାରୀ ଟିମ୍ ଜୋରଦାର ଧରପଗଡ଼ କରୁଥିଲେ ବି ମାଫିଆଙ୍କ ଛାଇ ଛୁଇଁବା କଷ୍ଟକର ହୋଇଛି । ଗତ ସେପ୍ଟେମ୍ବରରୁ ଆଜି ଭିତରେ ଜବତ ଗଞ୍ଜେଇ ଓ ଚାଲାଣକାରୀଙ୍କ ଗିରଫଦାରି ହିଁ ଦର୍ଶାଉଛି କେମିତି ଚାଲିଛି ଗଞ୍ଜେଇ ଚୋରା ଚାଲାଣର ମହାସିଣ୍ଡିକେଟ । ବ୍ରହ୍ମପୁର ଅବକାରୀ ଜିଲ୍ଲାରେ ୭୮୫ କିଲୋ, ଗଞ୍ଜାମ ଅବକାରୀ ଜିଲ୍ଲାରେ ୧୩୬ କିଲୋ ଏବଂ ଅବକାରୀ ଗୁଇନ୍ଦା ବିଭାଗର ୩୭୪ କିଲୋ ସହ ମୋଟ ୧୨୯୫ କିଲୋ ଗଞ୍ଜେଇ ଜବତ ହୋଇଥିଲା ବେଳେ ବନ୍ଧା ହୋଇଛନ୍ତି ୧୧୩ ଜଣ। ସେହିପରି ୨୯ଟି ଗାଡି ଜବତ ହୋଇଛି । ପ୍ରଶ୍ନ ଉଠୁଛି, ଗଜପତି ଓ କନ୍ଧମାଳରେ ଅବକାରୀ ଅଧିକାରୀ କରୁଛନ୍ତି କ'ଣ ? କେମିତି ଜିଲ୍ଲା ସୀମା ଡେଇଁ ଗଞ୍ଜେଇ ପହଁଚୁଛି ବ୍ରହ୍ମପୁରରେ ?

## ଗଞ୍ଜେଇରେ ନୟାଗଡ଼ ଆଗରେ ଆଉ ବ୍ରାଉନସୁଗାରରେ ଖୋର୍ଦ୍ଧା

**ଭୁବନେଶ୍ୱର (ଭିଓଭି) :** ନିଶା ମାଫିଆଙ୍କ ଉପରେ ପୁଲିସର ପ୍ରହାର । କେନ୍ଦ୍ରାଞ୍ଚଳ ପୁଲିସ ରେଞ୍ଜରେ ଗଞ୍ଜେଇ ଓ ବ୍ରାଉନସୁଗାର ଭଳି ନିଶା କାରବାର ରୋକିବା ପାଇଁ ୭ଟି ଜିଲ୍ଲାରେ ଚଢ଼ଉ କରି ପାଖାପାଖି ୫ କୋଟି ଟଙ୍କାର ବ୍ରାଉନ୍‌ସୁଗାର ଓ ଗଞ୍ଜେଇ ଜବତ ହୋଇଛି । ଏବଂ ୨୭୩ ଜଣ ନିଶା ମାଫିଆଙ୍କୁ ଗିରଫ କରାଯାଇଥିବା ବେଳେ ୧୪୫ଟି ମାମଲା ରୁଜୁ ହୋଇଛି । ବଡ଼କଥା ହେଉଛି ସର୍ବାଧିକ ବ୍ରାଉନସୁଗାର ଖୋର୍ଦ୍ଧା ଜିଲ୍ଲାରୁ ଜବତ ହୋଇଥିବା ବେଳେ ସର୍ବାଧିକ ଗଞ୍ଜେଇ ନୟାଗଡ଼ ଜିଲ୍ଲାରୁ ଜବତ ହୋଇଛି । କେନ୍ଦ୍ରାଞ୍ଚଳ ପୁଲିସ ଅଧିନରେ ଥିବା ପୁରୀ, କଟକ, କେନ୍ଦ୍ରାପଡ଼ା, ଖୋର୍ଦ୍ଧା, ନୟାଗଡ଼, ଜଗତସିଂହପୁର, ଯାଜପୁର ଜିଲ୍ଲାରେ ନିଶା ମାଫିଆଙ୍କୁ ସାବାଡ଼ କରିବାକୁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହୋଇଛି । ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୧ କୋଟି ୬୧ ଲକ୍ଷ ୬୬ ହଜାର ୧୮୦ ଟଙ୍କାର ବ୍ରାଉନ୍‌ସୁଗାର ଜବତ ହୋଇଛି । ମୋଟ ୨୫ଟି ମାମଲା ରୁଜୁ ହୋଇଥିବା ବେଳେ ୫୯ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି।

ସେହିଭଳି ମୋଟ ୬୪ଟି ଗଞ୍ଜେଇ ମାମଲା ରୁଜୁ ହୋଇଛି । ୧୧ ଶହ ୭ କେଜିର ଗଞ୍ଜେଇ ଜବତ ହୋଇଥିବା ବେଳେ ଏହାର ମୂଲ୍ୟ ୭୨ ଲକ୍ଷ ୧୪ ହଜାର ୭୨୭ ଟଙ୍କା ଆକଳନ କରାଯାଉଛି । ଏହି କାରବାରରେ ୧୦୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ନୟାଗଡ଼ ଜିଲ୍ଲାରେ ସର୍ବାଧିକ ୨୯ ଲକ୍ଷ ୪୪ ହଜାର ୫୦୦ ଟଙ୍କାର ଗଞ୍ଜେଇ ଜବତ ହୋଇଥିବା ବେଳେ ୫୯ ଜଣ ଗିରଫ ହୋଇଛନ୍ତି। ପୁରୀରେ ୨୦,୬୦୦୦ ଟଙ୍କା ଗଞ୍ଜେଇ ଜବତ ଓ ୧୧ ଅଭିଯୁକ୍ତ ଗିରଫ ହୋଇଛନ୍ତି । ଖୋର୍ଦ୍ଧା ଜିଲ୍ଲାରେ ୯,୮୪,୨୪୦ ଟଙ୍କାର ଗଞ୍ଜେଇ ଜବତ ଓ ୯ ଜଣ ଗିରଫ ହୋଇଛନ୍ତି । ତେବେ ନିଶା ମାଫିଆଙ୍କ ଉପରେ ଏବେ ପୁଲିସ କଡ଼ା ନଜର ରଖିଛନ୍ତି ।

## ସମ୍ବଲପୁରରେ ଚାଲିଛି ବେଆଇନ ଗଞ୍ଜେଇ ଚାଷ

**ସମ୍ବଲପୁର (ଭିଓଭି) :** ପୁଣି ବେଆଇନ ଗଞ୍ଜେଇ ଚାଷ ଉପରେ ମିଳିତ ଚଢ଼ାଉ । ସାଢେ ୫ ଏକର ଜମିରୁ ୭ ହଜାର ଗଞ୍ଜେଇ ଗଛ ନଷ୍ଟ କଲା ଅବକାରୀ ବିଭାଗ । ସମ୍ବଲପୁର ଜିଲ୍ଲା ନାକଟିଦେଉଳ ବ୍ଲକ ଘୋଷରାମାଳ ପଞ୍ଚାୟତର ବିଭିନ୍ନ ଗ୍ରାମ ସଂଲଗ୍ନ ଜଙ୍ଗଲରେ ଚଳିତ ବର୍ଷ ବ୍ୟାପକ ପରିମାଣର ବେଆଇନ ଗଞ୍ଜେଇ ଚାଷ ହୋଇଛି । ପୂର୍ବରୁ ଚଢ଼ାଉ ହୋଇଥିବା ବେଳେ ଆଜି ପୁଣି ଥରେ ପ୍ରଶାସନ ପକ୍ଷରୁ ମିଳିତ ଭାବେ ଚଢ଼ାଉ କରାଯାଇଛି । ଜିଲ୍ଲା ଅବକାରୀ ଅଧିକ୍ଷକ ଅଶୋକ କୁମାର ସେଠଙ୍କ ନେତୃତ୍ୱରେ ରେଢ଼ାଖୋଲ ପୋଲିସ, ଅବକାରୀ, ନାକଟିଦେଉଳ ବନ ବିଭାଗ ଓ ରାଜସ୍ୱ ବିଭାଗ ପକ୍ଷରୁ ମିଳିତ ଚଢ଼ାଉ କରାଯାଇଛି । ରେଢ଼ାଖୋଲ ଥାନା ଅନ୍ତର୍ଗତ ଘୋଷରାମାଳ ପଞ୍ଚାୟତର ଲାଣ୍ଡିମାଳ, କ୍ଷେତ୍ରପୁର ଏବଂ ହରିପୁର ଗ୍ରାମ ସଂଲଗ୍ନ ଜଙ୍ଗଲ ଭିତରେ ହୋଇଥିବା ବେଆଇନ ଗଞ୍ଜେଇ ଚାଷ ଉପରେ ଚଢ଼ାଉ କରାଯାଇ ଥିଲା । ଆଜିର ଏହି ଚଢ଼ାଉରେ ସାଢେ ୫ ଏକର ପରିମିତ ଜମିରୁ ସମୁଦାୟ ୬୮୦୦ ଟି ଗଞ୍ଜେଇ ଗଛ ନଷ୍ଟ କରାଯାଇଛି । ସେପଟେ ନିଶା ମାଫିଆଙ୍କ ଉପରେ ପୁଲିସର ପ୍ରହାର । କେନ୍ଦ୍ରାଞ୍ଚଳ ପୁଲିସ ରେଞ୍ଜରେ ଗଞ୍ଜେଇ ଓ ବ୍ରାଉନସୁଗାର ଭଳି ନିଶା କାରବାର ରୋକିବା ପାଇଁ ୭ଟି ଜିଲ୍ଲାରେ ଚଢ଼ଉ କରି ପାଖାପାଖି ୫ କୋଟି ଟଙ୍କାର ବ୍ରାଉନ୍‌ସୁଗାର ଓ ଗଞ୍ଜେଇ ଜବତ ହୋଇଛି । ଏବଂ ୨୭୩ ଜଣ ନିଶା ମାଫିଆଙ୍କୁ ଗିରଫ କରାଯାଇଥିବା ବେଳେ ୧୪୫ଟି ମାମଲା ରୁଜୁ ହୋଇଛି ।



# ୯ ବର୍ଷର ଦିବ୍ୟାଙ୍ଗ ନାବାଳିକାକୁ ଦୁଷ୍କର୍ମ !

**କେନ୍ଦୁଝର (ଭିଓଭି) :** କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକ ସଦର ଥାନା ଉରୁମୁଣ୍ଡା ମୁଣ୍ଡା ସାହିରେ ଜଣେ ୯ ବର୍ଷର ଦିବ୍ୟାଙ୍ଗ ଆଦିବାସୀ ନାବାଳିକାଙ୍କୁ ଦୁଷ୍କର୍ମ ଅଭିଯୋଗ ହୋଇଛି । ଅଭିଯୁକ୍ତ ପାଉଁରୁଟି ବିକାଳିକୁ କେନ୍ଦୁଝର କାଶିପୁରରୁ କାବୁ କରିଛି ପୁଲିସ । ଗୁରୁତର ନାବାଳିକା ମେଡିକାଲରେ ଭର୍ତ୍ତି ହୋଇଛି । ସୂଚନା ଅନୁଯାୟୀ, ଗତକାଲି ସଂପୃକ୍ତ ପାଉଁରୁଟି ବିକାଳି ନାବାଳିକାଙ୍କ ଦୋକାନକୁ ପାଉଁରୁଟି ଦେବାକୁ ଆସିଥିବା ବେଳେ ଘରେ କେହି ନଥିବା ସୁଯୋଗ ପାଇ ନାବାଳିକାଙ୍କୁ ଦୁଷ୍କର୍ମ କରିଥିବା ଜଣା ପଡ଼ିଛି । ପରିବାର ଲୋକେ ଘରକୁ ଆସିବା ପରେ ନାବାଳିକା ଜଣଙ୍କ କାନ୍ଦୁଥିବା ଦେଖି ପଚାରିବା ପରେ ଘଟଣା ଜଣାପଡ଼ିଥିଲା । ପରେ ପରିବାର ଲୋକେ ପୁଲିସକୁ ଖବର ଦେଇଥିଲେ ଓ ଅଭିଯୁକ୍ତ ଜଣଙ୍କ ରହୁଥିବା କେନ୍ଦୁଝର ସହରର କାଶିପୁରରୁ ଅଭିଯୁକ୍ତଙ୍କୁ କାବୁ କରିଥିଲା ପୁଲିସ ।

# ଆସିଲାନି ଆମ୍ବୁଲାନ୍ସ ଚାଲିଗଲା ଜୀବନ

**ଲାଞ୍ଜିଗଡ଼ (ଭିଓଭି) :** ମିଳିଲାନି ଆମ୍ବୁଲାନ୍ସ । ଚିକିତ୍ସାରେ ବିଳମ୍ବ ପାଇଁ ଚାଲିଗଲା ଜୀବନ । ଏଭଳି ଅଭାବନୀୟ ଘଟଣା ଘଟିଛି କଳାହାଣ୍ଡି ଜିଲ୍ଲା ଖଜୁରଗୁଡା ଗାଁ ନିକଟସ୍ଥ ମାଣ୍ଡିଆ ରୁଚାରେ । ସୂଚନା ଅନୁସାରେ ଲାଞ୍ଜିଗଡ ବ୍ଲକ କୁମଖାଲ ପଞ୍ଚାୟତ ଟିମନବାଡ଼ି ଗାଁ ନିକଟରେ ଥିବା



ଗ୍ରାମର ୩୫ବର୍ଷ ବୟସ୍କ ଟଙ୍କ ମାଝୀ ସାଇକେଲରେ ଗାଁରୁ ପ୍ରାୟ ମଧ୍ୟାହ୍ନ ୧୨ଟାରେ ବାହାରିଥିଲେ । ବିଶ୍ୱନାଥପୁର -ବିଜେପୁର ମୁଖ୍ୟ ରାସ୍ତା ଦେଇ ଲୁମା ଗାଁ ଛକକୁ ଯାଉଥିବା ବେଳେ ଖଜୁରଗୁଡା ଗାଁ ନିକଟସ୍ଥ ମାଣ୍ଡିଆ ରୁଚା ନିକଟରେ ଦୁର୍ଘଟଣାର ଶିକାର ହୋଇଥିଲେ । ସାଇକେଲରୁ ମୁଖ୍ୟ ରାସ୍ତାରେ ପଡି ଯିବା ଫଳରେ ତାଙ୍କ ମୁଣ୍ଡରେ ଗୁରୁତର ଆଘାତ ଲାଗି ଥିଲା । ଖବର ପାଇ ଘଟଣାସ୍ଥଳରେ ପହଞ୍ଚିଥିଲେ ସ୍ତ୍ରୀ ସୂର୍ଯ୍ୟ ମାଝୀ ଓ ଭାଉଜ । ସ୍ୱାସ୍ଥ୍ୟବସ୍ଥା ବିଗୁଡୁଥିବା ଦେଖି ୧୦୨ ଓ ୧୦୮ ଆମ୍ବୁଲାନ୍ସ ସହ ଯୋଗାଯୋଗ କରିବାକୁ ସମ୍ପର୍କୀୟ ଚେଷ୍ଟା କରିଥିଲେ ବି କୌଣସି ସୁଫଳ ମିଳିନଥିଲା। ଏହି ସମୟରେ ସେହି ରାସ୍ତା ଦେଇ ଯାଉଥିବା ବାଇକ ଆରୋହୀଙ୍କୁ ଅନୁରୋଧ କରିବା ପରେ ଆହତ ଟଙ୍କକୁ ଗାଡିରେ ୬କିଲୋମିଟର ଅଣାଯାଇ ବିଶ୍ୱନାଥପୁର ଡାକ୍ତଖାନାରେ ଭର୍ତ୍ତି କରାଯାଇଥିଲା । ତେବେ ପ୍ରାଥମିକ ଚିକିତ୍ସା ଚାଲିଥିବାବେଳେ ଟଙ୍କ ମାଝୀଙ୍କ ମୃତ୍ୟୁ ହୋଇଥିଲା। ଯଦି ସଠିକ ସମୟରେ ଆମ୍ବୁଲାନ୍ସ ମିଳିଥାନ୍ତା ତେବେ ଟଙ୍କ ମାଝୀଙ୍କ ଜୀବନ ବଞ୍ଚାଯାଇପାରିଥାନ୍ତା ବୋଲି ପରିବାର ଲୋକ କହିଛନ୍ତି ।

# ୫ କି.ମି. ଚାଲି ଚାଲି ଡାକ୍ତରଖାନା ଆସିଲେ ଗର୍ଭବତୀ

**ଚିତ୍ରକୋଣ୍ଡା (ଭିଓଭି) :** ଚିତ୍ରକୋଣ୍ଡାରେ ସ୍ୱାସ୍ଥ୍ୟସେବାର ବିକଳ ଚିତ୍ର । ଗର୍ଭବତୀଙ୍କୁ ଡାକ୍ତରଖାନା ନେବାକୁ ମିଳୁନି ଆମ୍ବୁଲାନ୍ସ ଗାଡି। ଫଳରେ ବାଧ ହୋଇ ବଣ ଜଙ୍ଗଲ ଦେଇ ମାଇଲ୍ ମାଇଲ୍ ବାଟ ପାଦରେ ଚାଲି ଚାଲି ଡାକ୍ତରଖାନା ଆସିବାକୁ ବାଧ ହେଉଛନ୍ତି ଗର୍ଭବତୀ। ଏଭଳି ଏକ ଚିତ୍ର ସାମ୍ନାକୁ ଆସିଛି ଚିତ୍ରକୋଣ୍ଡାର ବ୍ଲକର ହଞ୍ଜରିଆଗୁଡା ଗାଁରୁ । ଗର୍ଭ ଯନ୍ତ୍ରଣା ଦେଖା ଦେବା ପରେ ମାଲାଣୀ ସୀସାକୁ ଡାକ୍ତରଖାନା ନେବାକୁ ବାହାରିଥିଲେ ପରିବାର ଲୋକେ । ଆମ୍ବୁଲାନ୍ସକୁ ଯୋଗା ଯୋଗ କରିଥିଲେ । ହେଲେ ମିଳିନଥିଲା ଆମ୍ବୁଲାନ୍ସ । ଡାକ୍ତରଖାନା ନେବାକୁ ଅନ୍ୟ କୌଣସି ଗାଡି ଭଡାରେ ନେବାକୁ ବି ମିଳିନଥିଲା । ଫଳରେ ବାଧ ହୋଇ ପରିବାର ଲୋକେ ମଲାଣୀ ସୀସାଙ୍କୁ ପାଦରେ ଚଲାଇ ଚଲାଇ ପ୍ରାୟ ୫ରୁ ୬ କିମି ଆଣି ଭର୍ତ୍ତି କରାଇଥିଲେ ଚିତ୍ରକୋଣ୍ଡା ହସ୍ପିଟାଲରେ । ହସ୍ପିଟାଲରେ ପୁଷ୍ପକ ଏନଜିଓ ନାମକ ଏକ ସଂସ୍ଥା ଦ୍ୱାରା ପରିଚାଳିତ ମାଆ ଗୃହରେ ମଲାଣୀ ସୀସାକୁ ଭର୍ତ୍ତି କରି ଚିକିତ୍ସା କରାଯାଉଛି । ତେବେ ହସ୍ପିଟାଲରେ ଏନଜିଓ କାମ କରୁଥିଲେ ମଧ୍ୟ ଆମ୍ବୁଲାନ୍ସ ସେବା ନଥିବାରୁ ଗର୍ଭବତୀଙ୍କୁ ଶେଷରେ ବାଧ ହୋଇ ପାଦରେ ୫ କିମି ଚାଲିବାକୁ ପଡିଛି ।

# ଦଲାଲ୍‌ଙ୍କ ଶରଣରେ ଅସ୍ତରଙ୍ଗ ବ୍ଲକ୍ ଅଞ୍ଚଳର ଚାଷୀ

## ଶାଗ ମାଛ ଦରରେ ଧାନ ବିକ୍ରି
## ସରକାରୀ କଳ ନିରବ

**ପୁରୀ (ଭିଓଭି) :** ଅକ୍ଟୋବର ମାସରେ ବାତ୍ୟା ଆଶଙ୍କା ଥିବାରୁ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଂଚଳର ପାଖାପାଖି ୬୦ଶତକଡା ଚାଷୀ ଧାନ ଅମଳ କରିଛନ୍ତି। ତାହା ଏବେ ଦଲାଲଙ୍କୁ ଟେକି ଦେବାକୁ ଉଚିତ ମଣିଛନ୍ତି। କ୍ୱିଣ୍ଟାଲ ପିଛା ମାତ୍ର ୧୯ଶହରୁ ୨୧ଶହ ଟଙ୍କାରେ ଦଲାଲମାନେ ଦିନ ଦ୍ୱିପ୍ରହରରେ ଚାଷୀଙ୍କ ଠାରୁ ଧାନ କ୍ରୟ କରିବାରେ ଲାଗିଛନ୍ତି। କାରଣ ପ୍ୟାକ୍ସରେ ଧାନ ବିକ୍ରି ସମୟରେ ଅନେକ ସମସ୍ୟା ସମ୍ମୁଖୀନ ହେବାକୁ ପଡୁଥିବାରୁ କିଛି ଚାଷୀ ଦଲାଲଙ୍କ ହାତରେ ଟେକିଦେବାକୁ ଉକ୍ତ ଅଞ୍ଚଳର ଚାଷୀ ଶ୍ରେୟ ମଣିଲେଣି।

ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକଟି ୧୫ଗୋଟି ପଂଚାୟତକୁ ନେଇ ଗଠିତ। ଅନେକ ଗ୍ରାମରେ ଧାନ ଅମଳ ପ୍ରାୟତଃ ଆରମ୍ଭ କଲେଣି। ଅକ୍ଟୋବର ମାସରେ ବାତ୍ୟା ଆଶଙ୍କା ଥିବାରୁ ଅନେକ ଚାଷୀ ତରବରିଆ ହୋଇ ନଷ୍ଟ ହେବା ଚିନ୍ତାରେ ଧାନ କାଟିଦେଇଥିଲେ। ଆଳଙ୍ଗପୁର ପଂଚାୟତ ବେଗୁନିଆବସ୍ତ ଗ୍ରାମର ପାଖାପାଖି ୭୦ଶତକଡା ଧାନ ଅମଳ ସରିଛି। ମଣ୍ଡି ଖୋଲିବା ପାଇଁ ଅସ୍ତରଙ୍ଗରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଘୋଷଣା କରାଯାଇ ନାହିଁ। ପ୍ୟାକ୍ସ କର୍ମଚାରୀ ଧାନ ନେବା ବେଳେ ଚାଷୀଙ୍କୁ ସମସ୍ୟାରେ ପକାଉଛନ୍ତି। ଚାଷୀଙ୍କ ମୋବାଇଲକୁ ବାର୍ତ୍ତା ମଧ୍ୟ ଆସିନାହିଁ। ସରକାର କେବେ ଧାନ ନେବେ ସୂଚନା ମିଳି ନଥିବା ବେଳେ ଧାର କରଜ କରି ଚାଷ କରିଥିବା ଚାଷୀ ମଜୁରୀ ଟଙ୍କା ଓ ସୁଧ ଟଙ୍କା ସୁଜିବେ ବୋଲି ଦଲାଲଙ୍କ ହାତରେ ଧାନ ଟେକିଦେବାକୁ ଏକ ପ୍ରକାର ବାଧ ହୋଇଛନ୍ତି। ଏହାର ଫାଇଦା ଉଠାଇଛନ୍ତି ଦଲାଲ। କ୍ୱିଣ୍ଟାଲ ପିଛା ୧୯ଶହ ରୁ ୨୧ଶହ ଟଙ୍କାରେ ଗରିବ ଚାଷୀଙ୍କ ଜମିରୁ କିଣି ଆଣି ନିଜ ଘରେ କରିଥିବା ଗୋଦାମରେ ସାଇତି ରଖିଛନ୍ତି ଦଲାଲ। ଆନ୍ଧ୍ର, ଛତିଶଗଡ ଓ ପଶ୍ଚିମବଙ୍ଗର ମାଳ ମାଳ ଟ୍ରକ ଜରିଆରେ ଧାନ ବୋହି ଚାଲିଛନ୍ତି ଦଲାଲ। ସରକାର ନିୟମ ମୁତାବକ ଚାଷୀ ମଣ୍ଡିକୁ ଧାନ ନେବ। ସେଠାରେ ଧାନର ମାନ ଏଫଏକ୍ୟୁ ହୋଇଥିବା ଦରକାର। ମେସିନରେ କଟା ଯାଉଥିବା ଧାନରେ ଗୁଣ୍ଡ ଅଗାଡି ପରିମାଣ ଅଧିକ। ଧାନକୁ ଶୁଖାଇ ନାହାନ୍ତି ଚାଷୀ। ମେସିନରୁ ଅମଳ ଧାନକୁ ଅଖାରେ ଭର୍ତ୍ତି କରି ଜମିରେ ଓଜନ କରି ସିଧା ସଳଖ ମିଲକୁ ଯାଉଛି। ପ୍ୟାକ୍ସ କର୍ମଚାରୀଙ୍କ ଦୌରାତ୍ମ୍ୟରେ ଅତିଷ୍ଠ ହୋଇ ଚାଷୀ ଦଲାଲଙ୍କ ଶରଣ ପଶୁଛନ୍ତି। ସରକାରୀ ମୂଲ୍ୟ ୩ହଜାରରୁ ଉର୍ଦ୍ଧ ଟଙ୍କା ଥିଲେ ମଧ୍ୟ ଚାଷୀ ସରକାରଙ୍କୁ ଆଉ ଅନେଇବାକୁ ପ୍ରସ୍ତୁତ ନୁହନ୍ତି। ସରକାରଙ୍କ ନିୟମ ଅନୁସାରେ ଏବେ ବି ନିରକ୍ଷର ଚାଷୀଙ୍କ ପାଇଁ କୌଣସି ସଚେତନତା ନାହିଁ। ସରକାରୀ ନିର୍ଦ୍ଦେଶ ଆସୁନଥିବାରୁ ଚାଷୀ ହଇରାଣର ଶିକାର ହେଉଛି ବୋଲି କହିଛନ୍ତି ଦୀପକ ରାଉତ।

# କମୁଛି ମତ୍ସ୍ୟ ଉତ୍ପାଦନ : ବାହାର ରାଜ୍ୟମୁହାଁ ମତ୍ସ୍ୟଜୀବୀ




**ଅସ୍ତରଙ୍ଗ (ଭିଓଭି) :** ଜୈବ ବିବିଧତା ଦିନକୁ ଦିନ ନଷ୍ଟ ହେବାରୁ ବିପଦ ଆଡକୁ ମୁହାଁଉଛି ଦେବୀ ନଦୀ। ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଞ୍ଚଳର ସ୍ଥାନୀୟ ମତ୍ସ୍ୟଜୀବି ଙ୍କ ଭାତହାଣ୍ଡି ଦେବୀ ନଦୀର ଜଳରାଶି ପ୍ରଦୂଷିତ ହେବାରେ ଲାଗିଲାଣି। ଫଳରେ ଦେବୀ ନଦୀରେ ଜନ୍ମନେଉଥିବା ମାଛ ଜାଆଁଳ କ୍ରମଶଃ କମି ଆସୁଛି। ୧୦ବର୍ଷ ତଳେ ଦେବୀ ନଦୀରୁ ଧରା ହେଉଥିବା ମାଛ, କଙ୍କଡା ଓ ଚିଙ୍ଗୁଡ଼ିର ପରିମାଣ ୭୦ଭାଗ କମିଯାଇଥିବାରୁ ମତ୍ସ୍ୟଜୀବି ପରିବାର କୌଳିକ ବୃତ୍ତି ଛାଡି ଏବେ ବାହାର ରାଜ୍ୟମୁହାଁ ହୋଇ ବାହାରେ କାମ କରୁଛନ୍ତି। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ନଗର, ଆଳସାହି, ଛୁରିଆନା ପଂଚାୟତ ର ସହନ, ସୁଦିକେଶର, ଡ଼ାଲୁଅକଣି, ପାଟଳଦା ପଂଚାୟତ ର ବଡ଼ନାନପଡା, ନୂଆଗଡ, ଝାଡ଼ଲିଙ୍ଗ ଅଞ୍ଚଳ ପାଖାପାଖି ୧୨ହଜାର ରୁ ଉର୍ଦ୍ଧ ମତ୍ସ୍ୟଜୀବି ଦେବୀ ନଦୀଉପରେ ନିର୍ଭର କରି ସେମାନଙ୍କ ଜୀବନ ଜୀବିକା ନିର୍ବାହ କରି ଆସୁଛନ୍ତି। ବ୍ୟାଙ୍କ ଓ ମତ୍ସ୍ୟ ସମବାୟ ସମିତିଠାରୁ ଲକ୍ଷ ଲକ୍ଷ ଟଙ୍କା ଋଣନେଇ ଜାଲ, ଇଂଜିନ ଟାପା ଓ ଡ଼ଙ୍ଗା କିଣି ସେମାନେ ଦେବୀ ନଦୀ ଓ ନିକଟବର୍ତ୍ତୀ ଅଞ୍ଚଳରେ ମାଛ ଧରିଥାନ୍ତି। ଅସ୍ତରଙ୍ଗ ଦେବୀ ନଦୀରେ ମତ୍ସ୍ୟ ଉତ୍ପାଦନ ଦିନକୁ ଦିନ କମିବା ପରେ ସେମାନେ କୌଳିକ ବୃତ୍ତିକୁ ଛାଡି ଦାଦନ ମୁହାଁ ହେବାରେ ଲାଗିଛନ୍ତି।ମତ୍ସ୍ୟଜୀବି ଦେବୀ ନଦୀରେ ପରିବାର ଚଳାଇବା କଷ୍ଟକର ହୋଇ ପଡୁଛି। ମତ୍ସ୍ୟଜୀବିଙ୍କ ସାମାଜିକ, ସାଂସ୍କୃତିକ, ଅର୍ଥନୈତିକ ସ୍ୱରୋଜଗାର ଏହି ଦେବୀ ନଦୀ ସହିତ ଜଡିତ। ସମୟ କ୍ରମେ ଅଣମତ୍ସ୍ୟଜୀବି ମଧ୍ୟ ଦେବୀ ନଦୀକୁ ପଶିବା ଦ୍ୱାରା ମତ୍ସ୍ୟଜୀବି ଙ୍କ ସହ ପ୍ରତିଯୋଗିତା ତୀବ୍ରତର ହେବାକୁ ଲାଗୁଛି। ଛୋଟ ଜାଲ, ଫାସ, ରିଂ ଜାଲ,ଡ଼ଙ୍ଗାର ବହୁଳ ବ୍ୟବହାର ମାଛଧରା ଆଦି ଯୋଗୁଁ ମତ୍ସ୍ୟ ସମ୍ପଦ ହ୍ରାସ ପାଇବାରେ ଲାଗିଲାଣି। ଦେବୀ ନଦୀ ଅଞ୍ଚଳରେ ଏକର ଏକର ବ୍ୟାପୃ ଜାଲ ବିଛାଇ ବିସ୍ତୃତ ଅଞ୍ଚଳରେ ଚିଙ୍ଗୁଡ଼ି ଚାଷ କରାଯାଉଛି। ଏହାଦ୍ୱାରା ମତ୍ସ୍ୟଜୀବି ରୋଜଗାର ହରାଇବା ସହ ମତ୍ସ୍ୟ ଉତ୍ପାଦନ କ୍ଷେତ୍ରରେ ଅନ୍ତରାୟ ସୃଷ୍ଟି ହୋଇଛି। ଦେବୀ ନଦୀ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଅଣ ମତ୍ସ୍ୟଜୀବି ଦେବୀ ନଦୀ ରୁ ପମ୍ପଯୋଗେ ଲୁଣା ପାଣି ନେଇ ଚିଙ୍ଗୁଡ଼ି ଚାଷ କରିବା ଫଳରେ ରାସାୟନିକ ଦ୍ରବ୍ୟ ପ୍ରଭାବରୁ ଦେବୀ ନଦୀରେ ଦଳ ଜାତୀୟ ଗୁଳ୍ମ ହ୍ରାସ ପାଉଛି। ଫଳରେ ମାଛ ଓ କଙ୍କଡାର ଖାଦ୍ୟ ପରିମାଣ କମିଯିବା ସହ ମାଛ ଯାଆଁଳା ନଷ୍ଟ ହେଉଛି। ଏହା ସହ ମୁହାଁଣ ମୁହଁ ପୋତି ହେବା ଯୋଗୁଁ ମାଛ ବଂଶ ହ୍ରାସ ପାଉଥିବା ସ୍ଥାନୀୟ ମତ୍ସ୍ୟଜୀବି ପ୍ରକାଶ କରିଛନ୍ତି। ଋଣ କରିଥିବା ମତ୍ସ୍ୟଜୀବି ପରିବାର ଚଳାଇବା କଷ୍ଟକର ହୋଇ ପଡିଛି। ପରିବାର ପ୍ରତିପୋଷଣ ପାଇଁ ଅସ୍ତରଙ୍ଗ ଅଞ୍ଚଳ ମତ୍ସ୍ୟଜୀବି ତାମିଲନାଡୁ, ସୁରଟ, କୋଲକାତା, ଗୋଆ, ଚେନ୍ନାଇ, କେରଳ ପ୍ରଭୃତି ବାହାର ରାଜ୍ୟକୁ ଶ୍ରମିକ ଭାବେ କାମ କରିବାକୁ ଯାଉଛନ୍ତି। ଦେବୀ ନଦୀ ଉପରେ ନିର୍ଭର କରୁଥିବା ମତ୍ସ୍ୟଜୀବିଙ୍କୁ ସରକାରୀ ସାହାଯ୍ୟ ଯୋଗାଇ ଦେବାକୁ ମତ୍ସ୍ୟଜୀବି ଦାବୀ କରିଛନ୍ତି।

# ଜବରଦଖଲରେ ଗୋଚର ଜମି

**ଗୋପ (ଭିଓଭି) :** ଗୋପ ବ୍ଲକ ଅଧିନସ୍ଥ ବଉଲାଙ୍ଗ ଗ୍ରାମ ପଞ୍ଚାୟତର ବରିମୁଣ୍ଡ ଗ୍ରାମରେ ମୁଷ୍ଟିମେୟ ଗୋଷ୍ଠୀ ସରକାରୀ ପ୍ରକଳ୍ପ ବାହାନାରେ ଗୋଚର ଜମି ଜବରଦଖଲ କରିବା ଯୋଗୁଁ ଗ୍ରାମର ଗୋସମ୍ପଦ ପ୍ରତି ସଂକଟ ସୃଷ୍ଟି କରିଥିଲା ବେଳେ ୨୦୦ରୁ ଉର୍ଦ୍ଧ୍ୱ ଗୋଚାଷୀ ଜୀବନ ଜୀବିକା ପ୍ରଭାବିତ ହେବା ଭଳି ଗୁରୁତର ପରିସ୍ଥିତି ସୃଷ୍ଟି ହୋଇଛି। ଖବରରୁ ପ୍ରକାଶ ଯେ ଗୋପ ବ୍ଲକ ଅଧିନସ୍ଥ ବଉଲାଙ୍ଗ ଗ୍ରାମ ପଞ୍ଚାୟତର ବରିମୁଣ୍ଡ ଗ୍ରାମରେ ୨୦୦ରୁ ଉର୍ଦ୍ଧ୍ୱ ପରିବାର ୧୨୦୦ରୁ ଉର୍ଦ୍ଧ୍ୱ ଗୋପାଳନ କରି ଜୀବନ ଯାପନ କରୁଥିବା ବେଳେ ମୁଷ୍ଟିମେୟ ଗୋଷ୍ଠୀ ସରକାରୀ ପ୍ରକଳ୍ପ ବାହାନାରେ ଗୋଚାରଣ ଭୂମିକୁ ଜବରଦଖଲ କରିବା ଯୋଗୁଁ ଗାଈଗୋରୁ ମାନଙ୍କୁ ଘାସ ମିଳୁ ନ ଥିଲା ବେଳେ ସେମାନଙ୍କ ଖାଦ୍ୟ ସଂକଟ ଉଗ୍ରରୂପ ଧାରଣ କରିଥିବା ଦେଖିବାକୁ ମିଳିଛି। ବର୍ତ୍ତମାନ ସମୟରେ ଗୋଖାଦ୍ୟ ମୂଲ୍ୟ ବୃଦ୍ଧି ପାଇ ଥିବାରୁ ଏହି ଚାରଣ ଭୂମି ଜବରଦଖଲ ପରେ ଗାଈଗୋରୁ ମାନେ ଖାଦ୍ୟ ନ ପାଇବା ଯୋଗୁଁ ଘାସ ନପାଇ ଗୋଚାଷୀ ମାନଙ୍କ ମହଲରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ବଉଲାଙ୍ଗ ଗ୍ରାମ ପଞ୍ଚାୟତ ଅଧିନସ୍ଥ ବରିମୁଣ୍ଡ ରାଜସ୍ୱ ନିରୀକ୍ଷକ ସର୍କଲ ଅଧିନରେ ଥିବା ବରିମୁଣ୍ଡ ଗ୍ରାମର ଖାତାନଂ - ୩୩୦, ପ୍ଲଟନଂ-୬୪ ,୬୫ ଓ ୫୯ ରେ ରହିଥିବା

## ସଂକଟରେ ଗୋସମ୍ପଦ : ଜୀବିକା ହରାଇବେ ୨୦୦ରୁ ଉର୍ଦ୍ଧ୍ୱ ଚାଷୀ



ଗୋଚର ଜମିକୁ କିଛି ମୁଷ୍ଟିମେୟ ଗୋଷ୍ଠୀ ସରକାରୀ ପ୍ରକଳ୍ପ ବାହାନାରେ ଗୋଚର ଜମି ଜବରଦଖଲ କରିବା ଯୋଗୁଁ ସଂକଟ ମଧ୍ୟରେ ଗୋସମ୍ପଦ ରହିଥିବା ଦେଖିବାକୁ ମିଳିଛି। ଗୋଚର ଜମି ଜବରଦଖଲ ସମାସ୍ୟା ଯୋଗୁଁ ଖାଦ୍ୟ ନ ପାଇ ଗାଈଗୋରୁ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ଗୋପାଳନ କରି ପରିବାର ପ୍ରତିପୋଷଣ କରୁଥିବା ୨୦୦ରୁ ଉର୍ଦ୍ଧ୍ୱ ଗୋଚାଷୀ ମାନଙ୍କ ଜୀବନ ଜୀବିକା ବାଧାପ୍ରାପ୍ତ ହେବା ସହ ଗୋଚାଷୀ ଆତ୍ମହତ୍ୟା ଭଳି ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇପାରେ ବୋଲି ଗୋଚାଷୀ ମହଲରେ ଆଲୋଚନା ହେଉଛି। ବରିମୁଣ୍ଡ ଗ୍ରାମରେ ଗୋଚର ଜମି ଜବରଦଖଲ ଉଚ୍ଛେଦ କରି ଗୋସମ୍ପଦ ସୁରକ୍ଷା ପାଇଁ ଥିବା ଗୋଚର ଜମି ସଂରକ୍ଷିତ ରଖିବାକୁ ବରିମୁଣ୍ଡ ଗ୍ରାମର ଦିବ୍ୟ ସିଂହ ସ୍ୱାଇଁ, କମଳ କାନ୍ତ ବେହୁରା, କେଦାର ଚନ୍ଦ୍ର ପ୍ରଧାନ, ସୂର୍ଯ୍ୟକାନ୍ତ ସ୍ୱାଇଁ, ଅଶୋକ ବେହେରା ଓ ଅଜୟ କୁମାର ସ୍ୱାଇଁଙ୍କ ସମେତ ଶତାଧିକ ବ୍ୟକ୍ତି ଗୋପ ତହସିଲଦାର, ଗୋପ ବିଡ଼ିଓ ଓ ଗୋପ ଥାନା ଅଧିକାରୀ ପ୍ରମୁଖଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଗୋଚର ଜମିରୁ ଜବରଦଖଲ ଉଚ୍ଛେଦ କରା ନ ଗଲେ ଗୋସମ୍ପଦର ସୁରକ୍ଷା ପାଇଁ ଶତାଧିକ ଗୋଚାଷୀ ନ୍ୟାୟ ପାଇଁ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

# ସାମୁଦ୍ରିକ ଥାନା ସୁରକ୍ଷା ଦେବ ତ ?

**ପୁରୀ (ଭିଓଭି) :** ଦିଲ୍ଲୀ ବିସ୍ଫୋରଣକୁ ନେଇ ସାରା ଦେଶରେ ଏବେ ହାଇଆଲର୍ଟ। ଏହି ସମୟରେ କେନ୍ଦ୍ର ଗୃହମନ୍ତ୍ରୀଙ୍କ ଅଧକ୍ଷତାରେ ମଙ୍ଗଳବାର ମଧ ଗୁରୁତ୍ୱ ପୂର୍ଣ୍ଣ ବୈଠକ ବସିଥିଲା। କେବଳ ଦିଲ୍ଲୀ ନୁହେଁ ଏହା ଉପରେ ଏବେ ସାରା ଦେଶର ନଜର। କିନ୍ତୁ ଏ ପଟେ ଦେଖିବାକୁ ଗଲେ ପୁରୀ ଜିଲ୍ଲା ଦେବୀ ନଦୀ ମୁହାଁଣ ଦେଇ ପ୍ରବାହିତ ସମୁଦ୍ର ସମ୍ପୂର୍ଣ୍ଣ ମୁକୁଳା ରହିଛି। ଆବଶ୍ୟକ ସଂଖ୍ୟକ କର୍ମଚାରୀ ଅଭାବରୁ ନାହିଁ ନାହିଁରେ ସାମୁଦ୍ରିକ ଥାନା ଚାଲୁଛି। ଦିଲ୍ଲୀ ବିସ୍ଫୋରଣକୁ ନେଇ ପୁରୀ ଜିଲ୍ଲାର ଉପକୂଳରେ ହାଇଆଲର୍ଟ ଜାରି ମଧ କରାଯାଇଛି। ଆତଙ୍କବାଦୀ ହୁଅନ୍ତୁ ବା ବାହ୍ୟଶତ୍ରୁ ସ୍ଥଳପଥ ଅପେକ୍ଷା ଜଳପଥକୁ ବେଶୀ ସହଜ ମନେ କରନ୍ତି। ଏ ସବୁକୁ ଦୃଷ୍ଟିରେ ରଖି ସମୁଦ୍ର ତଟକୁ ସୁରକ୍ଷା ଦେବା ପାଇଁ ନୂଆଗଡ ସାମୁଦ୍ରିକ ଥାନା ୨୦୧୪ମସିହାରେ ସ୍ଥାପିତ ହୋଇଛି। ନୂଆଗଡ ସାମୁଦ୍ରିକ ଥାନାରେ ଅନୁମୋଦିତ ପଦବୀରେ ଜଣେ ଇନିସ୍ପେକ୍ଟର, ୩ ଜଣ ସବଇନିସ୍ପେକ୍ଟର, ୩ ଜଣ ଏଏସଆଇ, ହାବିଲଦାର ୮ଜଣ, କନେଷ୍ଟବଳ ୨୪ଜଣ, ହୋମଗାର୍ଡ ୧୫ଜଣ, ଗାଡି ଚାଳକ ୨ଜଣ, ସ୍ପେସିଆଲ ପୋଲିସ ଅଫିସର ୫ଜଣ, ଟେକ୍ନିକାଲ ଷ୍ଟାଫ ୧୪ଜଣ ଆବଶ୍ୟକ ରହିଥିବା ବେଳେ ବର୍ତମାନ ଅଛନ୍ତି ଜଣେ ଇନିସ୍ପେକ୍ଟର, ସବଇନିସ୍ପେକ୍ଟର ପଦବୀ ଖାଲି, ଏଏସଆଇ ଜଣେ, ହାବିଲଦାର ନାହାନ୍ତି, କନେଷ୍ଟବଳ ୧୦ଜଣ, ହୋମଗାର୍ଡ ୯ଜଣ, ଡ୍ରାଇଭର ନାହାନ୍ତି, ଟେକ୍ନିକାଲ ଷ୍ଟାଫ ୧୦ଜଣ ଥାନାରେ କାର୍ଯ୍ୟରତ ଅଛନ୍ତି। କିନ୍ତୁ ପାଟ୍ରୋଲିଂ ପାଇଁ ଯେଉଁ ବୋଟ ଅଛି ପୁରୁଣା ହୋଇଯାଇଥିବାରୁ ସେତେ ମାତ୍ରାରେ କାର୍ଯ୍ୟ କରିବାର କ୍ଷମତା ନାହିଁ। ଏହା ସହ ସାମୁଦ୍ରିକ ଥାନାରେ ଥିବା ସରକାରୀ ଗାଡି ପୁରୁଣା ହେବା ପରେ ଏହା କାମ ହେବାକୁ ଯାଇଛେ ଯାଇଛି, ଥାନାରେ ସରକାରୀ ଗାଡି ଜମା ନାହିଁ। କେବଳ ବେସରକାରୀ ଗାଡି ଏକ ସ୍କର୍ପିଓ ଅଛି। ସାମୁଦ୍ରିକ ଥାନାକୁ ଭରସା ଲାଠି ଓ ଟର୍ଚ୍ଚ ଲାଇଟ। ବର୍ତ୍ତମାନ ସମୁଦ୍ରରେ ପାଟ୍ରୋଲିଂ ୬ଘଣ୍ଟା ରୁ ୧୦ଘଣ୍ଟାକୁ ବଢ଼ାଇ ଦିଆଯାଇଛି। ନୂଆଗଡ ସାମୁଦ୍ରିକ ଥାନାରେ ପ୍ଲାଟୁନ୍ ଫୋର୍ସ ନାହାନ୍ତି କି ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ନାହିଁ। ଯେକୌଣସି ମୁହୂର୍ତ୍ତରେ ଆତଙ୍କି ହାମଲାକୁ ଏଡାଇ ଦିଆଯାଇନପାରେ। ଏଭଳି ସ୍ଥିତିରେ ସାମୁଦ୍ରିକ ଥାନା ଅଂଚଳରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରିବା ସହ ଆବଶ୍ୟକ ସଂଖ୍ୟକ ପଦବୀ ପୂରଣ ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

# Sustainable Tomorrow Starts Today



Nihar Ranjan Acharya

**The world around us is shifting at a pace faster than ever before.** The rivers that once flowed with abundance are shrinking, the dense forests that sheltered countless species are thinning, and the air we breathe is becoming heavier with pollutants. Amidst this rapidly changing environment, one truth stands tall: **a sustainable tomorrow can only begin with the actions we take today.**

Sustainability is not just a concept—it is a commitment, a lifestyle, and a collective promise to protect the planet that has nurtured us for millions of years. Every species, every tree, and every drop of water is a reminder that Earth is not inherited from our ancestors, but borrowed from our children. What we choose to do now will shape the world they live in.

At the heart of sustainability lies a balance—the balance between what we take from nature and what we give back. Unfortunately, human activities have tilted this balance drastically. Climate change has become more than a scientific term; it is a lived reality. Heat waves scorch our cities, unseasonal rains disrupt our livelihoods, and rising sea levels threaten coastal communities. These changes are no longer warnings of the future—**they are the challenges of the present.** But where challenges arise, so do opportunities.

The opportunity to choose differently.

The opportunity to act responsibly.

The opportunity to transform our world with conscious choices.

**Small steps, when taken together, can ignite a massive transformation.** Imagine a world where every home plants a single tree each year. Imagine cities where public transport becomes a preferred habit. Imagine schools where children learn not only from books but from gardens, rivers, and forests around them. Sustainability begins with imagination—but it flourishes through action.

One of the strongest pillars of a sustainable future is the promotion of renewable energy. Solar panels on rooftops, wind farms on open landscapes, and hydroelectric power in our rivers show us that clean energy is not a distant dream. It is already here. Embracing it fully can




significantly reduce carbon emissions and gift us cleaner air and healthier ecosystems.

Another crucial step lies in waste reduction. The world generates millions of tonnes of waste each year, much of which ends up in oceans or landfills. By adopting practices like recycling, composting, and reducing single-use plastics, we can drastically cut down the burden we place on our environment. Every plastic bottle refused, every cloth bag reused, and every biodegradable item chosen has a story—a story of responsibility.

But sustainability is not just about nature; it is also about people. It is about building communities that thrive without harming their surroundings. It is about empowering farmers with organic practices, supporting local artisans, and promoting eco-friendly industries. Sustainable development creates jobs, strengthens economies, and improves the quality of life, proving that environmental protection and economic growth can go hand in hand.

**Education and awareness** form the roots of long-term transformation. When children grow up understanding the value of clean water, green forests, and fresh air, they naturally evolve into adults who protect these resources. Schools and communities must join hands to nurture environmentally conscious citizens—individuals who think beyond personal comfort and act for the greater good.

At its core, sustainability begins with love—love for the Earth, love for life, and love for future generations. It is a reminder that the choices we make today echo into the future. Whether we switch off a light when not in use, support a green initiative, conserve water, or plant a sapling, we are contributing to a much bigger picture.

The journey to a sustainable tomorrow does not require perfection—only intention."It does not demand grand gestures—only consistent efforts."It does not start with the world—it starts with you.

Let us rise today with a renewed commitment. Let us walk gently on this planet, knowing that every mindful action brings us closer to a greener, healthier, and happier world. **Because a sustainable tomorrow is not just a dream—it is a responsibility. And it starts today.**

Founder and Working Director,
TRUST, Ph. 8249775817
E-Mail: nihar.acharya1973@gmail.com



# କୋଣାର୍କ ସୂର୍ଯ୍ୟ ମନ୍ଦିର ଏବେ ଅସୁରକ୍ଷିତ

**(ଦେବାଶିଷ ସେଠି)**

କୋଣାର୍କରେ ବିଶ୍ୱଐତିହ୍ୟ ଅସୁରକ୍ଷିତ ଭାବେ ରହିଥିବା ଦେଖିବାକୁ ମିଳିଛି। ସୂର୍ଯ୍ୟମନ୍ଦିରର ସୁରକ୍ଷା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ୨୦୧୬ ମସିହାରେ ସୂର୍ଯ୍ୟମନ୍ଦିର ପ୍ରବେଶ ପଥରେ ମେଟାଲ୍ ଡିଟେକ୍ଟର ସହିତ ମନ୍ଦିରର ଚାରିପାଖରେ ଉଚ୍ଚକ୍ଷମତା ସମ୍ପନ୍ନ ୩୦ଟି ସି ସି କ୍ୟାମେରା ଲଗାଯାଇ ସମଗ୍ର ମନ୍ଦିର ଉପରେ ତୀକ୍ଷ୍ଣ ନଜର ରଖାଯାଉଥିଲା। ମାତ୍ର ଏବେ ଏହି ସିସି କ୍ୟାମେରାଗୁଡ଼ିକ ରକ୍ଷଣାବେକ୍ଷଣ ଅଭାବରୁ ୩୦ଟି ମଧ୍ୟରୁ କେବଳ ପ୍ରବେଶ ପଥ, ପ୍ରସ୍ଥାନ ପଥ ଓ ଟିକେଟ କାଉଣ୍ଟର ନିକଟରେ ଲଗାଯାଇଥିବା ସିସି କ୍ୟାମେରାକୁ ଛାଡ଼ିଦେଲେ ଅବଶିଷ୍ଟ ସମସ୍ତ ସିସି କ୍ୟାମେରାଗୁଡିକ ସମ୍ପୂର୍ଣ୍ଣ ଅଚଳ ହୋଇ ପଡ଼ିରହିଛି । ମନ୍ଦିରର ପ୍ରବେଶ ପଥରେ ନାମକୁ ମାତ୍ର ଲଗାଯାଇଥିବା ମେଟାଲ୍ ଡିଟେକ୍ଟର ଏବେ ଅଚଳ ହୋଇ ପଡ଼ିରହିଛି। ବିଶେଷ ଭାବେ ପ୍ରତିଦିନ ହଜାର ହଜାର ସଂଖ୍ୟାରେ ପ୍ରବେଶ କରୁଥିବା ପର୍ଯ୍ୟଟକଙ୍କ ଲଗେଜ୍‌କୁ ଯାଞ୍ଚ କରିବାକୁ ଲଗେଜ୍ ସ୍କାନର ନଥିବାରୁ ସଠିକ ଭାବେ ଯାଞ୍ଚ କରାଯାଇପାରୁ ନାହିଁ। ଫଳରେ ସୂର୍ଯ୍ୟମନ୍ଦିରରେ ଏପରି ଢିଲା ସୁରକ୍ଷା ବ୍ୟବସ୍ଥାକୁ ନେଇ ଦିଲ୍ଲୀରେ ଘଟିଥିବା ଆତଙ୍କବାଦୀ ଘଟଣାକୁ ନେଇ ପର୍ଯ୍ୟଟକ ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଭୟ ଓ ଅସନ୍ତୋଷ ଦେଖିବାକୁ ମିଳିଛି। ବିଶ୍ୱ ଐତିହ୍ୟ କୋଣାର୍କ ସୂର୍ଯ୍ୟମନ୍ଦିର ପରିଦର୍ଶନ କରିବା ପାଇଁ ପ୍ରତିଦିନ ହଜାର ହଜାର ସଂଖ୍ୟାରେ ଦେଶ ଓ



ବିଦେଶରୁ ପର୍ଯ୍ୟଟକ ବୁଲି ଆସିଥାନ୍ତି। କିନ୍ତୁ ଐତିହ୍ୟ ସୁରକ୍ଷା ବ୍ୟବସ୍ଥାଠାରୁ ପର୍ଯ୍ୟଟକମାନେ ମଧ୍ୟ ଏଠାରେ ଅସୁରକ୍ଷିତ ଥିବା ଦେଖିବାକୁ ମିଳୁଛି। କେତେବେଳେ ଯେକୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ନହେବ ତାହା କହିହେବ ନାହିଁ। ଅତି ନିକଟରେ ବଙ୍ଗୋପସାଗର କୂଳରେ ଏହି ବିଶ୍ୱ ଐତିହ୍ୟସ୍ଥଳୀ ରହିଛି ଯେ କୌଣସି ମୁହୂର୍ତ୍ତରେ ବିସ୍ଫୋରକ ସାମଗ୍ରୀ ସହ ଆତଙ୍କବାଦୀମାନେ ସୂର୍ଯ୍ୟମନ୍ଦିର ଭିତରେ ପ୍ରବେଶ କରି ଅଘଟଣ ଘଟାଇପାରିବେ । ଯେଉଁ ଦିଗରୁ ସୂର୍ଯ୍ୟମନ୍ଦିରକୁ ଲକ୍ଷ କରିବ ସବୁ ଦିଗ ବା ଚାରିପାଖ ଏବେ ମୁକୁଳା ପଡ଼ିଛି କେବଳ କେତେଜଣ ଘରୋଇ ସିକ୍ୟୁରିଟି ସଂସ୍ଥାର କର୍ମଚାରୀଙ୍କ ହାତରେ ଏବେ ସୂର୍ଯ୍ୟମନ୍ଦିରର ସୁରକ୍ଷା ଦାୟିତ୍ୱ ଦେଇ ପ୍ରଶାସନ ନାହିରେ ତେଲ ଦେଇ ଶୋଇଯାଇଛି। କିଛି ହାତଗଣତି କର୍ମଚାରୀ କେବଳ ନାମକୁ ମାତ୍ର ରହିଛନ୍ତି। ମନ୍ଦିରର ପ୍ରବେଶ ପଥ ହେଉକି ଟିକେଟ କାଉଣ୍ଟର ସବୁଠି ସବୁ ମୁକୁଳା ପଡ଼ିଛି। ସୂର୍ଯ୍ୟମନ୍ଦିର ପ୍ରବେଶ ପଥରେ କିଛି ସିକ୍ୟୁରିଟ ଗାର୍ଡ କେବଳ ପର୍ଯ୍ୟଟକଙ୍କ ଟିକେଟ ଚିରି ଭିତରକୁ ଛାଡୁଥିବା ବେଳେ କୌଣସି ପର୍ଯ୍ୟଟକଙ୍କର ଆସବାବପତ୍ର କି ବ୍ୟାଗ୍ ତନଖି କରାଯାଉନାହିଁ । ବିଶ୍ୱ ଐତିହ୍ୟ ସୂର୍ଯ୍ୟମନ୍ଦିରର ସୁରକ୍ଷାକୁ ନେଇ ପର୍ଯ୍ୟଟକ ଓ ସ୍ଥାନୀୟ ଲୋକମାନେ ପ୍ରଶ୍ନ ଉଠାଇ କ୍ଷୋଭ ପ୍ରକାଶ କରିଛନ୍ତି। ପର୍ଯ୍ୟଟକମାନଙ୍କ ଦୈନନ୍ଦିନ ଲକ୍ଷଲକ୍ଷ ଟଙ୍କା ରାଜସ୍ୱ ଆଦାୟ କରା ଯାଉଥିବା ବେଳେ ଏଏଆଇ ଓ ରାଜ୍ୟ ସରକାର କୋଣାର୍କର ସୁରକ୍ଷା ପ୍ରତି ଅବହେଳା ପ୍ରଦର୍ଶନ କରୁଥିବା ଅଭିଯୋଗ ହୋଇଛି। ଯଦି ଦିଲ୍ଲୀ ପରି କୋଣାର୍କରେ କୌଣସି ଅଘଟଣ ଘଟେ ତାହେଲେ ସେଥିପାଇଁ ଦାୟୀହେବ କିଏ ?

## ଓଡ଼ିଶା ଡିଜିଟାଲ ମିଡିଆ ଏସୋସିଏସନ ଦ୍ୱାରା ଜାତୀୟ ପ୍ରେସ ଦିବସ ପାଳିତ




**ବ୍ରହ୍ମପୁର(ଭିଓଭି):** ଓଡ଼ିଶା ଡିଜିଟାଲ ମିଡିଆ ଆସୋସିଏସନ ଦ୍ୱାରା ରାଜ୍ୟ ସ୍ତରୀୟ ଜାତୀୟ ପ୍ରେସ ଦିବସ ବ୍ରହ୍ମପୁର ଶାଖା କାର୍ଯ୍ୟାଳୟ ଠାରେ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ରାଜ୍ୟ ଉପସଭାପତି ତଥା ଗଞ୍ଜାମ ଜିଲ୍ଲା ଶାଖା କାର୍ଯ୍ୟାଳୟର ସଭାପତି କୃଷ୍ଣଚନ୍ଦ୍ର ପାଳ ପୌରୋହିତ୍ୟ କରିଥିଲେ। ଅତିଥିଗଣ ଜାତୀୟ ପ୍ରେସ ଦିବସ ପାଳନର ତାତ୍ପର୍ଯ୍ୟ ବିଷୟରେ ଆଲୋଚନା କରିଥିଲେ। ଠିକ୍ ସମୟରେ ସତ୍ୟ ଘଟଣାକୁ ଲୋକ ଲୋଚନକୁ ଆଣିବା ପାଇଁ ଶପଥ ପାଠ କରାଇଛନ୍ତି। ଗୁଜବକୁ ବିଶ୍ୱାସ ନକରି ସତ୍ୟ ସମ୍ବାଦ ପରିବେଷଣ କରିବାକୁ ମତପ୍ରକାଶ କରିଥିଲେ। ସମାଜରେ ଦୈନନ୍ଦିନ ଘଟୁଥିବା ଘଟଣା ଗୁଡିକ ନିକଟରେ ଠିକଣା ସମୟେ ପହଞ୍ଚି ସାଧାରଣ ଜନତାକୁ ସାହାଯ୍ୟ ଓ ସହଯୋଗର ହାତ ବଢ଼ାଇବାକୁ ମତ ପ୍ରକାଶ ପାଇଥିଲା। ସାମ୍ବାଦିକଙ୍କ ସୁରକ୍ଷା ଉପରେ ଆଲୋଚନା କରିଥିଲେ। ଏହି ସଭାରେ ଶିକ୍ଷାବିତ ଭାଷାତପସ୍ୱି ତ୍ରିନାଥ ମହାରଣା ସଭାପତିତ୍ୱ କରିଥିବା ବେଳେ ଅନ୍ୟାନ୍ୟ ଅତିଥି ଭାବେ ଆଇନଜୀବୀ ଶିବରାମ ପାତ୍ର, ଅବସରପ୍ରାପ୍ତ ଶିକ୍ଷକ ରଞ୍ଜନ କୁମାର ସାହୁ, ସଙ୍ଘର ଆଇନ ପରାମର୍ଶଦାତା କୈଳାଶ ଚନ୍ଦ୍ର ସ୍ୱାଇଁ, ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷାବିତ ସିମାଞ୍ଚଳ ପତି, ପ୍ରାକ୍ତନ ସୁଚନା ଓ ଲୋକ ସମ୍ପର୍କ ଅଧିକାରୀ ଗୌରିଶଙ୍କର ଶତପଥି, ପ୍ରାକ୍ତନ ବ୍ୟାଙ୍କ ଅଧିକାରୀ ଲାଲ ମୋହନ ଷଡଙ୍ଗୀ, ସମାଜସେବୀ ପ୍ରଶାନ୍ତ କୁମାର ମହାପାତ୍ର, ବରିଷ୍ଠ ସାମ୍ବାଦିକ ସୁଦିପ ସାହୁ, ଜ୍ୟୋତିରଞ୍ଜନ ଦାସ ପ୍ରମୁଖ ଯୋଗଦାନ କରିଥିଲେ।

ଗଞ୍ଜାମ ଜିଲ୍ଲା ODMA ଉପସଭାପତି ନୃସିଂହନାଥ ପାଢ଼ୀ ସଭା ଶେଷରେ ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ଅବସରରେ କାଳୁ ଭୂୟାଁ, ଜୟନ୍ତ ନାୟକ, ଶୁଶିଲ କୁମାର ରାଓ, ସୁରଜିତ ରାଉଳ, ସୁକାନ୍ତ କୁମାର ଦାସ, ବିପିନ ବିହାର ପ୍ରଧାନ, ସନ୍ତୋଷ କୁମାର ଦାସ, ରାଧକାନ୍ତ ପାତ୍ର, ସୁନିଲ ସାମନ୍ତ ରାୟ, ଜଗନ୍ନାଥ ପଣ୍ଡା, ବି.କେ.ବିଷାରଦଙ୍କ ସମେତ ପ୍ରମୁଖ ବହୁ ସାମ୍ବାଦିକ ଯୋଗଦାନ କରିଥିଲେ।




## ବଲାଣିରେ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ସମାରୋହ

**ବଲାଣି (ଭିଓଭି) :** ଆଜି ଆଦିବାସୀ ଙ୍କ ଭଗବାନ ତଥା ଆଦିବାସୀ ଜନନାୟକ ବିର୍ସା ମୁଣ୍ଡା ଙ୍କ ଜନ୍ମ ଜୟନ୍ତୀ, ଏହି ଜନ୍ମ ଜୟନ୍ତୀ କୁ ସାରା ଦେଶ ରେ ଆଦିବାସୀ ଭାଇ ଭଉଣୀ ଙ୍କ ସହ ଅନ୍ୟାନ୍ୟ ସମ୍ପ୍ରଦାୟ ର ଲୋକେ ମହା ଆଡମ୍ବର ସହକାରେ ପାଳିତ କରିଥାନ୍ତି ତେବେ ଏହି ଅବସରରେ କେନ୍ଦୁଝର ଜିଲ୍ଲା ବଲାଣି ରେ ମଧ୍ୟ ପାଳିତ କରାଯାଇଛି। ଏହି କର୍ଯ୍ୟକର୍ମରେ ମୁଖ୍ୟ ଅତିଥି ଭାବରେ ସେଲ ଲୌହ ଖଣି ର ମହାପ୍ରବନ୍ଧକ ଶ୍ରୀନିବାସ ମଲ୍ଲ ଯୋଗ ଦେଇଥିବା ବେଳେ, ତାଙ୍କୁ ପ୍ରଥମେ ବିବେକାନନ୍ଦ ଛକ ନିକଟରେ ଆଦିବାସୀ ରିତି ନୀତି ଅନୁଯାୟୀ ସମ୍ବର୍ଦ୍ଧିତ କରାଯାଇ ଆଦିବାସୀ ଲୋକ ନୃତ୍ୟ କରି ଗୁରୁଦ୍ୱାର ନିକଟରେ ଥିବା ମହାନ ସ୍ୱାଧୀନତା ସଂଗ୍ରାମୀ ବିର୍ସା ମୁଣ୍ଡା ପ୍ରତିମୂର୍ତ୍ତି କୁ ଅଣାଯାଇଥିଲା। ସେଠାରେ ପ୍ରତିମୂର୍ତ୍ତି କୁ ପୁଷ୍ପ ମାଲ୍ୟ ଅର୍ପଣ କରି ଜଗନ୍ନାଥ ମନ୍ଦିର ନିକଟରେ ରେ ଥିବା ବିର୍ସା ମୁଣ୍ଡା କ୍ଲବ୍ ରେ ଅନ୍ୟ ଏକ ବିର୍ସା ମୁଣ୍ଡା ଙ୍କ ପ୍ରତିମୂର୍ତ୍ତି କୁ ପୁଷ୍ପ ମାଲ୍ୟ ଅର୍ପଣ କରିଥିଲେ, ଏଥି ସହ ବିର୍ସା କ୍ଲବ୍ ର ସଦସ୍ୟ ମାନେ ବୃଦ୍ଧ ବୃଦ୍ଧା ଙ୍କୁ କମ୍ବଳ ବଣ୍ଟନ ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ଆୟଜନ କରିଥିବା ଦେଖିବାକୁ ମିଳିଥିଲା । ଏହି କାର୍ଯ୍ୟକ୍ରମରେ ସେଲ ଲୌହ ଖଣି ର ଜେନେରାଲ ମ୍ୟାନେଜର ବିଜୟ କେବିନ୍ ଘୋଷ, ସେଲ୍ ଲୌହ ଖଣି ର ଏଜିଏମ ଏ ଲାକ୍ରା, ଲୌହ ଖଣି ର ଏସ ପି ଲୁଗୁନ, ସିଭିଲ ବିଭାଗ ର ଏଜିଏମ ସଞ୍ଜୀବ କୁମାର, ମେଡ଼ିକାଲ ର ଡିଜିଏମ ଟି ସୋରେନ୍ ଓ ବିଭିନ୍ନ ଶ୍ରମିକ ସଂଗଠନ ର କର୍ମକର୍ତ୍ତା ଗଣ, ତଥା ବିର୍ସା କ୍ଲବ୍ ର କର୍ମ କର୍ତ୍ତା ଗଣ ମାନ ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା। ଏଥି ସହ ନିକଟରେ ଥିବା ଶିଶୁ ବିଦ୍ୟାମନ୍ଦିର ର ଛଟ ଛଟ ପିଲା ମାନକୁ ଶିକ୍ଷକ ଶିକ୍ଷୟତ୍ରୀ ମାନେ ବିର୍ସା ମୁଣ୍ଡା ଙ୍କ ପ୍ରତିମୂର୍ତ୍ତି ନିକଟକୁ ଆଣି ତାଙ୍କ ଜୀବନୀ ଉପରେ ଆଲୋକପାତ କରାଇଥିଲେ।

## ଗୋପାଳଜୀଉ ମନ୍ଦିରରୁ ହୁଣ୍ଡୀ ସହ ଅଳଙ୍କାର ଲୁଟ୍

**ପାରାଦୀପ (ଭିଓଭି) :** ଶେଷରେ ଧର୍ମସ୍ଥଳୀକୁ ଛାଡିଲେ ନାହିଁ ଚୋର । ମନ୍ଦିରରୁ କଳାକନା ବୁଲାଇଲେ ଦୁର୍ବୃତ୍ତ । ଲୁଟିନେଲେ ଦାନହୁଣ୍ଡି ସମେତ ଲକ୍ଷ ଲକ୍ଷ ଟଙ୍କାର ଅଳଙ୍କାର। ମନ୍ଦିର କମିଟି ତରଫରୁ ପାରାଦୀପ ଆଦର୍ଶ ଥାନାରେ ଅଭିଯୋଗ ପରେ ଘଟଣା ସ୍ଥଳରେ ପୋଲିସ ପହଞ୍ଚି ଆରମ୍ଭ କରିଛି ତଦନ୍ତ । ଏହିଭଳି ଘଟଣା ଘଟିଛି ପାରାଦୀପ ବୃନ୍ଦାବନ କଲୋନୀର ସର୍ବପୁରାତନ ଧର୍ମପୀଠ ଗୋପାଳଜୀୟୁ ମନ୍ଦିରରେ । ସକାଳୁ ମନ୍ଦିରର ନୀତିକାନ୍ତି କରିବାକୁ ପୂଜକ ଆସିବା ବେଳକୁ ମନ୍ଦିରର ୩ଟି କବାଟ ତଡାଯାଇଥିବା ଦେଖିବାକୁ ପାଇଥିଲେ। ତୁରନ୍ତ ମନ୍ଦିର କମିଟିର ସଦସ୍ୟ ମାନଙ୍କୁ ଫୋନ ଯୋଗେ ଜଣାଇଥିଲେ ପୂଜକ। କମିଟି ସଦସ୍ୟ ମାନେ ପହଞ୍ଚିବା ପରେ ମନ୍ଦିରରୁ ସମଗ୍ର ଅଳଙ୍କାର ସହିତ ଦାନବାକ୍ସ ତାଡି ଲୁଟ ହୋଇଥିବା ଦେଖିବା ପରେ ପାରାଦୀପ ଆଦର୍ଶ ଥାନାରେ ଅଭଯୋଗ କରିଥିଲେ । ଆଦର୍ଶ ଥାନା ଅଧିକାରୀଙ୍କ ସହିତ ପୋଲିସ ମନ୍ଦିରରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହିତ ଯଥାଶୀଘ୍ର ଘଟଣାର ଯାଞ୍ଚ କରି ଚୋରମାନଙ୍କୁ ଧରିବାକୁ ପ୍ରତିଶୃତି ଦେଇଛନ୍ତି। ମନ୍ଦିର ଭଳି ଧର୍ମାନୁଷ୍ଠାନରୁ ଚୋରି ଘଟଣାକୁ ସହଜରେ ଗ୍ରହଣ କରିପାରିନାହାନ୍ତି ଶ୍ରଦ୍ଧାଳୁ । ଯଥାଶୀଘ୍ର ଆଦର୍ଶ ଥାନା ପୋଲିସ ତଦନ୍ତକୁ ତ୍ୱରାନ୍ୱିତ କରି ଘଟଣାରେ ସାମିଲ ଚୋରମାନଙ୍କୁ ଧରିବାକୁ ମନ୍ଦିର କମିଟି ତରଫରୁ ନିବେଦନ କରାଯାଇଛି । ମନ୍ଦିରରୁ ଚୋରି ଘଟଣା କୁ ନେଇ ପୋଲିସର ତଦନ୍ତ ଜାରି ରହିଥିବାରୁ ଠାକୁରଙ୍କ ନୀତିକାନ୍ତି କରାଯାଇନାହିଁ । ପୋଲିସର ତଦନ୍ତ ପରେ ସମସ୍ତ ଠାକୁରଙ୍କ ନୀତିକାନ୍ତି କରାଯିବା ନେଇ କହିଛନ୍ତି ପୂଜକ। ତେବେ ପାରାଦୀପ ଓ ଏହାର ପାରିପାର୍ଶ୍ୱିକ ଅଞ୍ଚଳରେ ନିଶା ସେବନକାରୀଙ୍କ ସଂଖ୍ୟା ବୃଦ୍ଧି ପାଇବା ଚିନ୍ତାର ବିଷୟ ହୋଇପଡିଥିବା ବେଳେ ନିଶା ପାଇଁ ଏପରି ଚୋରି ହୋଇଥିବା ଅନୁମାନ କରାଯାଏ ।

Printed by **Gyana Ranjan Mishra** and published by **Gyana Ranjan Mishra** on behalf of Voice Of Victims Trust and Printed at M/S Bhagawati Electronic Process,D-3, Mancheswar Industrial Estate, Bhubaneswar,Khurda, Odisha, Pin- 751010 and Published at EB-24, Stage-V, Laxmisagar Brit colony, Bhubaneswar, Khurda, Odisha, Pin-751006

**Editor: Gyana Ranjan Mishra**

**ସମ୍ପାଦକ: ଜ୍ଞାନ ରଞ୍ଜନ ମିଶ୍ର**